ଧରିତ୍ରୀ
DHARITRI

May 5-11, 2019 ₹ 2/-

# ଛୁଟିଦିନ



# କମ୍ୟୁନିଟି ରେଡ଼ିଓ

ଦିନ ଥିଲା ସକାଳ ହେଉ କି ସନ୍ଧ୍ୟା, ଗାଁରେ ଯାହାଘରେ ରେଡ଼ିଓଟିଏ ଥିଲା ତାଙ୍କ ଦୁଆରେ ସାହିଲୋକଙ୍କ ଭିଡ଼ ଜମୁଥିଲା। ହେଲେ ଟିଭି ଓ ସୋସିଆଲ ମିଡିଆର ବ୍ୟବହାର ପରେ ରେଡ଼ିଓର ଚାହିଦା ଆଗଭଳି ନ ଥିଲେ ମଧ୍ୟ ଗୋଷ୍ଠୀ ବେତାର କେନ୍ଦ୍ରରୁ ପ୍ରଚାର ପ୍ରସାର ହେଉଥିବା ଜନସଚେତନଧର୍ମୀ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇପାରୁଛି...

୩ ପ୍ରଚ୍ଛଦ ପ୍ରସଙ୍ଗ




୧୩ ସହରଠୁ ଦୂର



୮/୯ ସିନେମା

# ଅଣ୍ଡର ୱାଟର ପାର୍କ



ପାର୍କ କହିଲେ ମନକୁ ଆସେ ଏକ ବିସ୍ତୀର୍ଣ୍ଣ ପଡ଼ିଆ, ଯେଉଁଠାରେ ଭରି ରହିଥିବ ଅନେକ ବୃକ୍ଷ, ଫୁଲଗଛ, ପାଦଚଲା ରାସ୍ତା ତଥା ବସିବା ପାଇଁ ସ୍ଥାନେ ସ୍ଥାନେ ବେଞ୍ଚ୍। ତେବେ ଏ ସବୁ ଯଦି ପାଣି ଭିତରେ ଦେଖିବାକୁ ମିଳେ? ଅଷ୍ଟ୍ରିଆର ଟ୍ରାଗୋଏସ୍ ଭିଲେଜଠାରେ ଅବସ୍ଥିତ ଗ୍ରୀନ୍ ଲେକ୍ ନାମକ ଏକ ସ୍ଥାନ, ଯେଉଁଠାରେ ରହିଛି ପାଣି ଭିତରେ ଏକ ପାର୍କ, ଯାହା ଅଣ୍ଡର ୱାଟର ପାର୍କ ଭାବେ ବେଶ୍ ଖ୍ୟାତ। ଏହି ପାର୍କର ଆଖପାଖରେ ରହିଛି ବରଫର ଅନେକ ଛୋଟବଡ଼ ପର୍ବତ। ଖରାଦିନେ ଏହିସବୁ ପର୍ବତରୁ ବରଫ ତରଳି ଉକ୍ତ ସ୍ଥାନ ଅଭିମୁଖେ ପ୍ରବାହିତ ହୋଇ ସ୍ଥାନଟି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଏ। ଫଳରେ ଏହି ଭ୍ୟାଲିରେ ଥିବା ଅନେକ ବୃକ୍ଷ, ପାଦଚଲା ରାସ୍ତା, ବେଞ୍ଚ୍ ଆଦି ପାଣି ଭିତରେ ବୁଡିଯାଏ। ତେବେ ପ୍ରାକୃତିକ ଉପାୟରେ ସୃଷ୍ଟି ହେଉଥିବା ଏହି ଅଣ୍ଡର ୱାଟର ପାର୍କରେ ଭ୍ରମଣ କରିବା ଲାଗି ସ୍ଥାନୀୟ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକଙ୍କ ପାଇଁ ସ୍କୁବା ଡାଇଭିଙ୍ଗ୍‌ର ବ୍ୟବସ୍ଥା କରିଥିଲେ। ତାଲିମ୍‌ପ୍ରାପ୍ତ ସ୍କୁବା ଡାଇଭରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପର୍ଯ୍ୟଟକମାନେ ପାଣି ଭିତରକୁ ଯାଇ ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ପାଉଥିଲେ। କିନ୍ତୁ ଗତ କିଛିବର୍ଷ ହେଲା ସ୍ଥାନୀୟ ପର୍ଯ୍ୟଟନ ବିଭାଗ ପ୍ରକୃତିର ଏହି ନିଆରା ପରିବେଶକୁ ଅକ୍ଷୁଣ୍ଣ ରଖିବା ଲାଗି ପର୍ଯ୍ୟଟକଙ୍କୁ ପାଣି ଭିତରକୁ ଯିବା ପାଇଁ ରୋକ ଲଗେଇଛନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୫-୧୧

**ମେଷ**
ଏ ସପ୍ତାହରେ ବୁଧାଦିତ୍ୟ ଯୋଗରୁ ଉଚ୍ଚପଦବୀ ଲାଭ, ମାନସିକ ପ୍ରଫୁଲ୍ଲତା, ବନ୍ଧୁମିଳନ, ଅର୍ଥନୈତିକ ଉନ୍ନତି, ସାମାଜିକ ପ୍ରତିଷ୍ଠା, ପାରିବାରିକ ସଦ୍‌ଭାବ, ଭ୍ରାତୃବିବାଦ, ପରୋକ୍ଷ ଶତ୍ରୁତା, କ୍ରନିକ୍ ରୋଗରେ ପୀଡାବୃଦ୍ଧିର ଆଶଙ୍କା ରହିଛି।

**ବୃଷ**
ରାହୁମଙ୍ଗଳ ସଂଯୋଗରୁ ଲକ୍ଷ୍ମୀଯୋଗ, ଆର୍ଥିକ ଉନ୍ନତି, ମିତ୍ରତା ବୃଦ୍ଧି, ସାମାଜିକ ପ୍ରତିଷ୍ଠା, ସନ୍ତାନଙ୍କ ଉନ୍ନତି, ପାରିବାରିକ ଅଶାନ୍ତି, କାର୍ଯ୍ୟରେ ପ୍ରତିବନ୍ଧକ, ଯାନବାହନରେ ତ୍ରୁଟି, ଦ୍ରବ୍ୟନଷ୍ଟରୁ କ୍ଷୋଭ।

**ମିଥୁନ**
ସମସ୍ୟା ବଢିବ, ପରିବାରରେ ମତାନ୍ତର, ଯାତ୍ରାରେ ବିଘ୍ନ, ବନ୍ଧୁ ସଂପର୍କରେ ମଧୁରତା, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, କମଜଞ୍ଜାଳ ବୃଦ୍ଧି, ପ୍ରଶାସନିକ ସଫଳତା, ଶିଳ୍ପ, ବାଣିଜ୍ୟରେ ଉନ୍ନତି, ସାହିତ୍ୟ, ସଙ୍ଗୀତରେ ରୁଚି।

**କର୍କଟ**
ମାନସିକଦ୍ୱନ୍ଦ, ସହକର୍ମୀଙ୍କ ବିରୋଧ, ଆତ୍ମୀୟଙ୍କ ବେଖାତିର, ହାତପାଦରେ ଆଘାତ, ନୂତନସ୍ଥାନ ପରିଦର୍ଶନ, ପାରିବାରିକ ଶାନ୍ତି, ଧାତୁ ଅଳଙ୍କାର କ୍ରୟ, ସମସ୍ୟା ସମାଧାନ, କଳାପ୍ରିୟ ହେବେ।

**ସିଂହ**
କର୍ମସ୍ଥ ଶୁକ୍ର କାର୍ଯ୍ୟସିଦ୍ଧି, ନୂତନ କର୍ମାରମ୍ଭ, ବନ୍ଧୁ ସହଯୋଗ, ବକେୟା ଅର୍ଥପ୍ରାପ୍ତି, ମିଷ୍ଟାନ୍ନ ଲାଭ, ଯାନ୍ତ୍ରିକ ଜିନିଷ କ୍ରୟ, ଆରୋଗ୍ୟଲାଭ, ଋଣ ପରିଶୋଧ, ଶତ୍ରୁତାରୁ ପ୍ରତିବନ୍ଧକ, ପରିବହନରେ ଝଗଡା, ଯାତ୍ରା ସ୍ଥଗିତ ରହିବ।

**କନ୍ୟା**
ବନ୍ଧୁମିଳନ, ବିଳାସପ୍ରିୟତା, ସ୍ୱର୍ଣ୍ଣାଳଙ୍କାର କ୍ରୟ, ଶୁଭଖବରପ୍ରାପ୍ତି, ସହକର୍ମୀଙ୍କ ଆନୁଗତ୍ୟ, ସନ୍ତାନଙ୍କ କୃତିତ୍ୱ, ମିତ୍ରବନ୍ଧୁଙ୍କ ବିରୋଧ, ସମ୍ପର୍କହାନୀରୁ ଦୁଃଶ୍ଚିନ୍ତା, ନିଷ୍ପତି ନେବାରେ ଦ୍ୱନ୍ଦ, ପ୍ରକାଶନରେ ବିଳମ୍ୱ।

**ତୁଳା**
ଯାତ୍ରାରେ ସଫଳତା, ନୂତନ ଯୋଜନାରମ୍ଭ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଆନୁଷ୍ଠାନିକ କାମ, ଆତ୍ମୀୟଙ୍କ ସହଯୋଗ, ସଭାସମିତିର ଆୟୋଜନ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସନ୍ତାନଙ୍କ ବିଶୃଙ୍ଖଳା, ସୁସମ୍ପର୍କରେ ଫାଟ, ଉପରିସ୍ଥଙ୍କ ଚାପ,ପାରିବାରିକ ଭୁଲ୍ ବୁଝାମଣା।

**ବିଛା**
ସ୍ନାୟବିକ ଦୁର୍ବଳତା, କାର୍ଯ୍ୟହାନୀ, ମାନସିକ ଦ୍ୱନ୍ଦ, ବନ୍ଧୁ ବିଗିଡିବେ, ଉଚ୍ଚସମ୍ମାନ, ପ୍ରିୟଜନଙ୍କ ସାନ୍ନିଧ୍ୟ, ଯାନବାହନ ଲାଭ, କଳା କାରିଗରୀରେ ଉନ୍ନତି, ନୈରାଶ୍ୟ ଦୂରହେବ, ସ୍ତ୍ରୀଙ୍କ ପ୍ରେରଣା, ଗୁରୁବର୍ଗଙ୍କ ଆଶୀର୍ବାଦ, ଶୁଭକାର୍ଯ୍ୟ କରିବେ, ଅର୍ଥଲାଭ।

**ଧନୁ**
ରାଜକୀୟ ସମ୍ମାନ, ଦ୍ୱନ୍ଦର ଅବସାନ, ପ୍ରଶାସନିକ ସହଯୋଗ, ଆଶା ପୂରଣ, ତୀର୍ଥାଟନର ସୁଯୋଗ, ପାରିବାରିକ ସ୍ନେହ, ବନ୍ଧୁଙ୍କ ଆତ୍ମୀୟତା, ଋଣ ଦୁଃସ୍ୱପ୍ନରୁ ଦୁଃଶ୍ଚିନ୍ତା, ଅଶୁଭବାର୍ତା ଶ୍ରବଣ, ସହକର୍ମୀଙ୍କ ଅସହଯୋଗ।

**ମକର**
ନୂତନ କର୍ମ, ସୃଜନଶୀଳତାର ବିକାଶ, ଚିନ୍ତାଶୀଳ ହେବେ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ, ସୌଖୀନ୍ ଦ୍ରବ୍ୟଲାଭ, ସନ୍ତାନ ସୌଖ୍ୟ, ମନୋରଞ୍ଜନର ମଉକା, ବସ୍ତ୍ରଭୂଷଣ ପ୍ରାପ୍ତି , ଗୃହରେ ଶୁଭକାର୍ଯ୍ୟ, ପରିସ୍ଥିତି ବଦଳିବ, ମାତୃବର୍ଗରେ ପୀଡା।

**କୁମ୍ଭ**
ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ପୁଞ୍ଜି ନିବେଶରୁ ଲାଭ, କଳା ସାହିତ୍ୟରେ ଉନ୍ନତି, ବିଳାସ ଉପକରଣ ଲାଭ, ପାରିବାରିକ ସୌଖ୍ୟ, ସ୍ୱାର୍ଥସାଧନରୁ ଶତ୍ରୁତା, ଲକ୍ଷ୍ୟହୀନ ଯାତ୍ରା,ଦ୍ରବ୍ୟ ନଷ୍ଟ, ସଂଯମତା ହାନୀ, ଶତ୍ରୁତାରୁ ଅପପ୍ରଚାର।

**ମୀନ**
ଯୋଜନାର ଶୁଭାରମ୍ଭ, ଦୁଶ୍ଚିନ୍ତା କମିଯିବ, ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତି, ଅମିମାଂସୀତ ଆଲୋଚନା, ନିର୍ମାଣାଧୀନ କାର୍ଯ୍ୟରେ ସମସ୍ୟା, ଶେଷ ସଫଳ ଯାତ୍ରା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ଉପହାର ପାଇବେ, ବାଣିଜ୍ୟର ଅଭିବୃଦ୍ଧି। ନୂତନ ସମ୍ପର୍କ ସୃଷ୍ଟି।

# ଖରାଦିନେ ଘର ରହିବ କୁଲ୍ କୁଲ୍

* ଇନ୍‌ଡୋର ପ୍ଲାଣ୍ଟ ଭାବେ ଏଲୋଭେରାକୁ ଆପଣ ବେଡ୍‌ରୁମ୍ ବା ଡ୍ରଇଂ ରୁମ୍‌ରେ ରଖିପାରିବେ। ଏହି ରିଫ୍ରେସିଂ ଗଛଟି ନା କେବଳ ଆପଣଙ୍କ ଘରକୁ ଥଣ୍ଡା ରଖିବ ବରଂ ଘରର ପରିବେଶକୁ ବିଶୁଦ୍ଧ ରଖିବାରେ ସାହାଯ୍ୟ କରିଥାଏ।
* ଏହି ସିଜନରେ ସ୍ନେକ୍ ପ୍ଲାଣ୍ଟକୁ ମଧ୍ୟ ଆପଣ ଘର ଭିତରେ ରଖିପାରିବେ। ଏହି ଗଛଟି ବାୟୁମଣ୍ଡଳରୁ ନାଇଟ୍ରୋଜେନ୍ ଅକ୍ସାଇଡ୍, ଟ୍ରାଇକ୍ଲୋରୋଏଥିଲିନ୍ ଭଳି ବିଷାକ୍ତ ଗ୍ୟାସ୍‌କୁ ଶୋଷିନେଇ ବହୁଳ ମାତ୍ରାରେ ଅମ୍ଳଜାନ ତ୍ୟାଗ କରିଥାଏ। ଏହା ବ୍ୟତୀତ ଘରର ତାପମାତ୍ରା କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।
* ଫର୍ଣ୍ଣ ପ୍ଲାଣ୍ଟ ମଧ୍ୟ ବହୁମାତ୍ରାରେ ଘରକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଏହି ଗଛଟି ଘର ଭିତର ପରିବେଶରେ ଆର୍ଦ୍ରତା ବଜାୟ ରଖିବାରେ ସହାୟକ ହୋଇଥାଏ।
* ଖରାଦିନେ ଇନ୍‌ଡୋର ପ୍ଲାଣ୍ଟ ଭାବେ ବେବୀ ରବର ପ୍ଲାଣ୍ଟ ମଧ୍ୟ ରଖିପାରିବେ। ଏହି ଗଛ ପରିବେଶକୁ ବିଶୁଦ୍ଧ ରଖିବା ସହ ତାପମାତ୍ରା ନିୟନ୍ତ୍ରଣ କରିଥାଏ।
* ଏରେକା ପାମ୍ ଟ୍ରି ମଧ୍ୟ ପ୍ରାକୃତିକ ଉପାୟରେ ଘର ଭିତରେ ଆର୍ଦ୍ରତା ବଜାୟ ରଖେ। ଫଳରେ ଘର ସର୍ବଦା ଫ୍ରେସ୍ ଏବଂ ଆରାମଦାୟକ ଅନୁଭୂତ ହୋଇଥାଏ।



# ପାଠକୀୟ

❖ଦିନେ ସାଇକେଲ ଥିଲା ଗମନାଗମନର ପ୍ରମୁଖ ସାଥୀ। ହେଲେ ମୋଟରଯାନ ଆସିବା ପରେ କେଉଁଆଡେ ହଜିଗଲା ତା'ର ଟିନ୍‌ଟିନ୍ ଶବ୍ଦ। ଶୁଭିବାକୁ ଲାଗିଲା ହଜାର ହଜାର ଗାଡ଼ିର କେଁ କାଁ, ପେଁ ପାଁ ଶବ୍ଦ। କଳା ଧୂଆଁରେ ପରିବେଶ ହରାଇବାକୁ ଲାଗିଲା ତା'ର ସବୁଜିମା। ବିନା ବ୍ୟୟରେ ବ୍ୟାୟାମ କରାଉଥିବା ଏଇ ସାଥୀକୁ ଛାଡ଼ି ମଣିଷ ହେବାକୁ ଲାଗିଲା ରୁଗ୍‌ଣ। ଏବେ ମଣିଷ ପୁଣିଥରେ ଖୋଜୁଛି ସେଇ ପୁରୁଣା ସାଥୀକୁ। କେବେ ସୁସ୍ଥ ଶରୀର ପାଇଁ ତ ଆଉ କେବେ ପରିବେଶକୁ ପୁଣି ଥରେ ସୁସ୍ଥ କରିବା ଲାଗି। ତେଣୁ ସାଇକେଲ୍‌ର ଉପକାରିତାକୁ ନେଇ ପ୍ରସ୍ତୁତ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମୋ ସାଇକେଲ ମୋ ସାଥୀ' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। 'ଡରକୁ ଦୂରେଇବା ଲାଗି' ପାଠଟି ବି ଏକ ଶିକ୍ଷଣୀୟ ବିଷୟ ଥିଲା।

***–ତାପସ ଷଡଙ୍ଗୀ, ରେଲୱେ କଲୋନୀ, ପୁରୀ***

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମୋ ସାଇକେଲ୍ ମୋ ସାଥୀ' ପାଠଟି ପଢିଲା ପରେ ପିଲାଦିନ କଥା ମନେ ପଡିଗଲା। ପିଲାଦିନେ କେତେ ସାଇକେଲ୍ ଚଲାଉଥିଲି। କିନ୍ତୁ ଏବେ ବଡ଼ ହୋଇ ଚାକିରି ବାକିରି କଲାପରେ ଗାଡ଼ି ମୋଟରରେ ବୁଲୁଛି। କିନ୍ତୁ ଛୁଟିଦିନର ଏହି ପାଠଟିକୁ ପଢିଲା ପରେ ଭାବୁଛି ଏକ୍ସରସାଇଜ୍ ପାଇଁ ପୁଣିଥରେ ଗୋଟେ ସାଇକେଲ୍ କିଣିବି। 'ସମର୍ ସ୍କାର୍ଫ' ପାଠଟି ବି ଏକ ସୁନ୍ଦର ଆଲେଖ୍ୟ ଥିଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'ନିର୍ବାଚନ' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା।

***–ଶ୍ରୀବାସ କୁମାର ନାୟକ, ଖଣ୍ଡଗିରି, ଭୁବନେଶ୍ୱର***

❖ବିଧୁରଞ୍ଜନ ସାମନ୍ତରାୟଙ୍କ ଚାଷ କାମ ସମ୍ପର୍କରେ ଛୁଟିଦିନରୁ ପଢି ମୋତେ ଅନେକ ପ୍ରେରଣା ମିଳିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ରକୁଲ୍‌ଙ୍କ ଓଜନ ମିଶନ', 'ଟାଇଗରଙ୍କ ନୂଆ ଯୋଜନା', 'ଆଶାରେ କ୍ରିଷ୍ଟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ଉଚ୍ଚକୋଟୀର ଥିଲା। ପାଲା ଗାୟକ ଅତିଥି ଚରଣ ସାହୁଙ୍କ ରୋଜଗାର ସମ୍ପର୍କିତ କାହାଣୀକୁ ମଧ ବେଶ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା।

***–ରାଜେନ୍ଦ୍ର କୁମାର, ରାଉରକେଲା***

❖ବ୍ୟକ୍ତିତ୍ୱ ପୃଷ୍ଠାରେ ଆମେରିକୀୟ ଲେଖକ ସାଓଲ ବିଲାଓଙ୍କ ଜୀବନ କାହାଣୀକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ମଡେଲ୍ ମିରର୍‌ରେ ତୁଳସୀ ପ୍ରିୟଦର୍ଶିନୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ଅରୁଣାଚଳ ପ୍ରଦେଶର ପର୍ଯ୍ୟଟନସ୍ଥଳୀ ଟାଙ୍ଗ୍‌ଲାଙ୍ଗ ସମ୍ପର୍କରେ ନୂଆ ନୂଆ ତଥ୍ୟ ଜାଣି ଖୁସି ଲାଗିଲା।

***–ତାପସ୍ ଦାସ, ଭବାନୀପାଟଣା***

## ବିଶେଷ ଚିଠି



ରଙ୍ଗିନ ଛବିକୁ ସଙ୍ଗିନ କଥା,
ଛୁଟିଦିନ ଆଣେ ନୂଆ ବାରତା।
ଯେ ଥରେ ପଢିଛି ସିଏ ଜାଣିଛି,
ଚାତକ ପରାଏ ଚାହିଁ ବସୁଛି।
ଧରିତ୍ରୀ ସହ ପ୍ରତି ରବିବାରେ,
ଛୁଟିଦିନ ଆସେ ରଖ ମନରେ।
ସିନେମା ଖବର, ସାଥୀ ଉତ୍ତର,
ବ୍ୟାକ୍‌ପେଜ୍ ତାଜା ଓ ମଜାଦାର।
ସୃଜନରେ ଗପ, ଗୀତ ବଢିଆ,
ପ୍ରଚ୍ଛଦ ପ୍ରସଙ୍ଗ ବି ମନଛୁଆଁ।
ସବୁ ପାଠକଙ୍କୁ ମୋ ନିବେଦନ
ଛୁଟିଦିନ ସର୍ବେ କର ପଠନ।

***–ଶରତ କୁମାର ଚଉଁରୀ,***
***ମଙ୍ଗଳପୁର, ପିପିଲି, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କମ୍ୟୁନିଟି ରେଡ଼ିଓ



**ଦିନ ଥିଲା ସକାଳ ହେଉ କି ସନ୍ଧ୍ୟା, ଗାଁରେ ଯାହାଘରେ ରେଡ଼ିଓଟିଏ ଥିଲା ତାଙ୍କ ଦୁଆରେ ସାହିଲୋକଙ୍କ ଭିଡ଼ ଜମୁଥିଲା। ହେଲେ ଟିଭି ଓ ସୋସିଆଲ ମିଡିଆର ବ୍ୟବହାର ପରେ ରେଡ଼ିଓର ଚାହିଦା ଆଗଭଳି ନ ଥିଲେ ମଧ୍ୟ ଗୋଷ୍ଠୀ ବେତାର କେନ୍ଦ୍ରରୁ ପ୍ରଚାର ପ୍ରସାର ହେଉଥିବା ଜନସଚେତନଧର୍ମୀ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇପାରୁଛି...**

ଦିନ ଥିଲା ସକାଳ ହେଉ କି ସନ୍ଧ୍ୟା, ଗାଁରେ ଯାହାଘରେ ରେଡ଼ିଓଟିଏ ଥିଲା ତାଙ୍କ ଦୁଆରେ ସାହିଲୋକଙ୍କ ଭିଡ଼ ଜମୁଥିଲା। ଦେଶ ବିଦେଶର ବିଭିନ୍ନ ଖବରଠାରୁ ଆରମ୍ଭ କରି ପାଣିପାଗର ସମସ୍ତ ସୂଚନା ରେଡ଼ିଓରୁ ହିଁ ଶୁଣିବାକୁ ମିଳୁଥିଲା। ପୁଣି ଗପ, ଗୀତ, ସଙ୍ଗୀତ, ନାଟକ ଓ ଏକାଙ୍କିକା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମକୁ ସମସ୍ତେ ଶୁଣୁଥିଲେ। ତେବେ ଆଜିର ଡିଜିଟାଲ ଯୁଗରେ ଇମେଲ୍, ଇଣ୍ଟରନେଟ୍ ପରି ମୋବାଇଲରେ ବି ଉପଲବ୍ଧ ହୋଇପାରୁଛି ବିଭିନ୍ନ ବେତାର କେନ୍ଦ୍ରର କାର୍ଯ୍ୟକ୍ରମ। କିନ୍ତୁ ଗୋଷ୍ଠୀ ବେତାର କେନ୍ଦ୍ରରୁ ପ୍ରଚାର ପ୍ରସାର ହେଉଥିବା ଜନସଚେତନଧର୍ମୀ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇପାରୁଛି। ତେବେ ରାଜ୍ୟରେ ଥିବା କେତେକ ବେସରକାରୀ ଗୋଷ୍ଠୀ ବେତାର କେନ୍ଦ୍ରରୁ ପ୍ରସାରିତ ସମୟ ଉପଯୋଗୀ କିଛି ମନଛୁଆଁ କାର୍ଯ୍ୟକ୍ରମ ଲୋକାଭିମୁଖୀ ହୋଇପାରୁଥିବାରୁ ଏହି ବେତାର କେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

**ରେଡ଼ିଓ ନମସ୍କାର**– ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ଅଞ୍ଚଳରେ ରହିଛି ରାଜ୍ୟର ପ୍ରଥମ ଗୋଷ୍ଠୀ ବେତାରକେନ୍ଦ୍ର ରେଡ଼ିଓ ନମସ୍କାର। ପ୍ରତିଦିନ ସକାଳୁ ସକାଳୁ ଏହି ବେତାର କେନ୍ଦ୍ରରୁ ସ୍ୱର ଶୁଭେ–'ରଘୁପତି ରାଘବ ରାଜାରାମ..। ଏହାର ସଂସ୍ଥାପକ ଏନ୍.ଏ. ଶାହ ଅନ୍‌ସାରୀ କୁହନ୍ତି, ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ସ୍ୱଳ୍ପସମ୍ବଳ ମଧ୍ୟରେ ଦେଶୀୟ ଜ୍ଞାନକୌଶଳରେ ଶ୍ରୋତାଙ୍କ ମନକୁ ଜିଣିପାରିଛି 'ରେଡ଼ିଓ ନମସ୍କାର'। ୨୦୧୦ ଫେବୃୟାରୀ ୧ତାରିଖରେ ଆରମ୍ଭ ହୋଇଥିବା ରେଡ଼ିଓ ନମସ୍କାର ୨୦୧୨ ମସିହାରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱୀକୃତିକ୍ରମେ ଏକ ସାମାଜିକ ଅନୁଷ୍ଠାନ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ଏହି ବେତାର କେନ୍ଦ୍ରକୁ ସେହି ସମୟରେ ୟୁନେସ୍କୋ ତରଫରୁ ଦେଢଲକ୍ଷ ଟଙ୍କା ବ୍ୟୟରେ ଏକ ଟ୍ରାନ୍ସମିଟର ଓ ଆଣ୍ଟିନା ଯୋଗାଇ ଦିଆଯାଇଥିଲା। ଏହି କମ୍ୟୁନିଟି ରେଡ଼ିଓ– ରେଡ଼ିଓ ନମସ୍କାର, ଯାହା ୯୦.୪ ମେଗାହର୍ଜରେ ଉପଲବ୍ଧ। କେତେଜଣ ସ୍ୱେଚ୍ଛାସେବୀଙ୍କ ସହଯୋଗ, ସ୍ଥାନୀୟ ଅଞ୍ଚଳବାସୀଙ୍କ ଆଗ୍ରହ ଓ ସହଯୋଗିତା ପାଇଁ ଏହି ରେଡ଼ିଓ ସଫଳତାର ସହ ଆଗକୁ ବଢ଼ିଚାଲିଛି ଏବଂ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ପରିଚିତ ହୋଇପାରିଛି। ଦିନକୁ ପ୍ରାୟ୧୨ଘଣ୍ଟାର ସମୟସାରଣୀରେ ସବୁବର୍ଗର ଲୋକଙ୍କ ପାଇଁ କାର୍ଯ୍ୟକ୍ରମ ହୋଇଥାଏ। ପ୍ରାତଃ ୭ଟାରେ ରଘୁପତି ରାଘବ ...ରୁ ଆରମ୍ଭ ହେଉଥିବା ରେଡ଼ିଓ ନମସ୍କାର ରାତି୧୦ଟାରେ ହମ ହୋଙ୍ଗେ କାମ୍‌ୟାବରେ ପ୍ରସାରଣ ଶେଷକରେ। ଏହି ରେଡ଼ିଓ ସ୍ଥାନୀୟ ଅଞ୍ଚଳର ସମସ୍ୟା (ହାଲ୍‌ଚାଲ), ଚାଷୀଙ୍କ ସ୍ୱାର୍ଥ (ଚାଷବାସ କଥା), ନାରୀମାନଙ୍କ ପାଇଁ(ଆଜିର ନାରୀ), ଗ୍ରାମର ବୈଶିଷ୍ଟ୍ୟ ସମ୍ପର୍କରେ (ଚାଲ ଗାଁକୁ ଯିବା), ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ୍‌କାର (ଆଜ୍ଞା ନମସ୍କାର), ଲୋକଙ୍କ ଅଭାବ ଅସୁବିଧାକୁ ନେଇ ଜନତା ଦରବାର, ଶିଶୁରାଇଜ ଏବଂ ଜାଣିଲେଜିଣିବ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରିଥାଏ। ଏଥିଯୋଗୁ ଏହି ରେଡ଼ିଓ ସ୍ଥାନୀୟ ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଏବଂ ଲୋକମାନଙ୍କର ସ୍ୱର ପାଲଟିଛି। ଏହାର ପ୍ରାୟ ୮୦ ଭାଗ କାର୍ଯ୍ୟକ୍ରମ ଗାଁଗଣ୍ଡାରୁ ସିଧାସଳଖ ରେକର୍ଡିଂ ହୋଇଥାଏ। ଏହି ବେତାରକେନ୍ଦ୍ରରେ କୌଣସି କଣ୍ଠଦାନ ପରୀକ୍ଷା ହୁଏ ନାହିଁ ବରଂ ଅଧିକରୁ ଅଧିକ ଲୋକ ଏହାର ପ୍ରତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି। ଏହାର ଲୋକପ୍ରିୟତା ଯୋଗୁ ଗୋପ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳର ଅଧିକାଂଶ ଘରେ ଏହି ରେଡ଼ିଓ ସୁପରିଚିତ ହୋଇପାରିଛି। ରେଡ଼ିଓ ନମସ୍କାର ପ୍ରଶାସନିକ ଓ ଲୋକଙ୍କ ମଧ୍ୟରେ ଏକ ସେତୁର ଭୂମିକା ନେଇଛି। ସରକାରୀ ଆଇନକାନୁନ ଓ ସାଧାରଣଲୋକଙ୍କ ମନର କଥାକୁ କହୁଛି। ଏହି ରେଡ଼ିଓ ଦ୍ୱାରା ଜନସଚେତନ ଯୋଗୁ ଏହି ଅଞ୍ଚଳରେ ଅନେକ ବିକାଶମୂଳକ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିଛି। ପ୍ରାୟ ୧୦ବର୍ଷ ଧରି ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମକୁ ରେଡ଼ିଓ ନମସ୍କାର ଲୋକଙ୍କ ନିକଟରେ ପହଞ୍ଚାଇ ସମାଜ ସେବାରେ ନିଆରା ପରିଚୟ ସୃଷ୍ଟି କରିଛି। ରେଡ଼ିଓ ନମସ୍କାରର ସ୍ୱେଚ୍ଛାସେବୀ ରୋଜାଲିନ ପ୍ରଧାନ କୁହନ୍ତି ଏହି ରେଡ଼ିଓ କେନ୍ଦ୍ରର ସ୍ଥାୟୀଗୃହ ପାଇଁ ଜମିଟିଏ ନିମନ୍ତେ ସରକାରଙ୍କ ନିକଟରେ ଆବେଦନ କରାଯାଇଛି। ସହାୟତା ମିଳିଲେ ଏହା ଆହୁରି ଆଗକୁ ଯାଇପାରିବ। କେବଳ ସ୍ୱେଚ୍ଛାସେବୀଙ୍କୁ ନେଇ ପରିଚାଳିତ ରେଡ଼ିଓ ନମସ୍କାର ଏବେ ଲକ୍ଷାଧିକ ଲୋକଙ୍କ ହୃଦୟକୁ ଛୁଇଁପାରିଛି।

**ରେଡ଼ିଓ ସୁରଭି**–: ହଜି ଯାଉଥିବା ଲୋକଙ୍କର ସ୍ୱରକୁ ଜାଗ୍ରତ କରିବା, କଳା ସଂସ୍କୃତିକୁ ପ୍ରୋତ୍ସାହନ, ଉନ୍ନତ ଜ୍ଞାନକୌଶଳ ଓ ସାମାଜିକ କାର୍ଯ୍ୟର ମୂଲ୍ୟବୋଧ

→







## ଭାରତରେ ରେଡ଼ିଓ

ଭାରତରେ ଇଂରେଜ ଶାସନ ସମୟରେ ୧୯୨୭ମସିହା ଜୁଲାଇରେ ରେଡ଼ିଓ କ୍ଲବ ଅଫ ବମ୍ବେରୁ ଆରମ୍ଭ ହୋଇଥିଲା ପ୍ରଥମ ପ୍ରସାରଣ। ପରବର୍ତ୍ତୀ ସମୟରେ ବହୁ ରେଡ଼ିଓ କ୍ଲବ ଆସିଲା। ସେହିବର୍ଷ ଜୁଲାଇରେ ୨୩ରେ ବେସରକାରୀ ଭାବେ ଭାରତୀୟ ପ୍ରଚାର ସଂସ୍ଥା ବା ଇଣ୍ଡିଆନ ବ୍ରଡ଼କାଷ୍ଟିଂ କମ୍ପାନୀ (I.B.C)ର ପ୍ରଥମ କେନ୍ଦ୍ର ଉଦ୍‌ଘାଟିତ ହୋଇ ବେତାରବାର୍ତ୍ତା ପ୍ରଚାର କରାଯାଇଥିଲା। ସେତେବେଳେ ଏହି କମ୍ପାନୀଠୁ ରେଡ଼ିଓ ଷ୍ଟେଶନ ଖୋଲିବାକୁ ଅନୁମତି ମିଳିଥିଲା। ଫଳରେ ୧୯୨୭ ଜୁଲାଇରେ ବମ୍ବେଷ୍ଟେଶନ ଓ ୨୬ ଅଗଷ୍ଟରେ କଲିକତା ଷ୍ଟେଶନରୁ ପ୍ରସାରଣ ଆରମ୍ଭ ହୋଇଥିଲା । ଏହା ପରେ ଆସିଲା ଇଣ୍ଡିଆନ ଷ୍ଟେଟ ବ୍ରଡ଼କାଷ୍ଟିଂ ସର୍ଭିସ। ଏହାପରେ ହେଲା ୧୯୩୬ ଜୁନ ୮ରେ ଫିଲଡ଼େନ ସାହେବ ଏହାର ନାମ ପରିବର୍ତ୍ତନକରି ରଖିଲେ ଅଖିଳ ଭାରତ ବେତାର ସଂସ୍ଥା(ALL INDIA RADIO)।



ସେକ୍ ଅବ୍ଦୁଲ୍ ସଫିକ୍

ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଇବା 'ରେଡ଼ିଓ ସୁରଭି'ର ମୂଳ ଲକ୍ଷ୍ୟ। ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଘାଟିକିଆ ଅଞ୍ଚଳର କଳିଙ୍ଗ ନଗରଠାରେ। ରେଡ଼ିଓ ସୁରଭି'ର ପ୍ରତିଷ୍ଠାତା ଡ. ଶିଶିର କୁମାର ଦାଶ ଜଣେ ସମାଜ ବିଜ୍ଞାନୀ ଓ ସାମାଜିକ କର୍ମୀ। ଏମ୍‌ଏ, ଏମ୍‌ଫିଲ ଏବଂ ପିଏଚ୍‌ଡି କରିବା ସହିତ ସେ ଏହି ରେଡ଼ିଓ ସୁରଭିର ଅଧ୍ୟକ୍ଷ ଓ ଓଡ଼ିଶା ଗୋଷ୍ଠୀ ବେତାର ମହାସଂଘର ସଭାପତି ଅଛନ୍ତି। ସେ କୁହନ୍ତି, ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ- ରେଡ଼ିଓ ସୁରଭି ୨୦୧୫ ମସିହା ମେ'୧ ତାରିଖଠାରୁ କାର୍ଯ୍ୟକ୍ଷମ ହୋଇଛି। ଏହି ଗୋଷ୍ଠୀ ବେତାର କେନ୍ଦ୍ର ପାଇଁ ପ୍ରାୟ ୧୪,୫୫,୦୦୦ ଟଙ୍କା ବ୍ୟୟ ହୋଇଛି। ଏଥିରେ ୮ ଜଣ କର୍ମଚାରୀ ନିୟୋଜିତ। ମାତ୍ର ଏହି 'ରେଡ଼ିଓ ସୁରଭି' ନୟାଗଡ଼ ଜିଲା ଦଶପଲ୍ଲାଠାରେ ସ୍ଥାପିତ। ୯୦.୪ ଏଫ୍‌ଏମ୍ ରେଡ଼ିଓ ସୁରଭିରେ ଦିନକୁ ପ୍ରାୟ୧୦ ଘଣ୍ଟାର ସମୟସାରଣୀ ମଧ୍ୟରେ ଶିକ୍ଷାଦୀକ୍ଷା, ଚାଷବାସ, ଜ୍ଞାନ ବିଜ୍ଞାନ, ଜୀବିକା, ମୋ ଗାଁ ମୋ ଜୀବନ, କଳା ଓ କଳ୍ପନା, ପିଲାଦିନ, ସ୍ୱାସ୍ଥ୍ୟସମ୍ପଦ, ସୁନାଝିଅ, ବିଶ୍ୱକର୍ମା, ନାରୀଜଗତ ଓ ଯୁବସ୍ୱର ଆଦି କାର୍ଯ୍ୟକ୍ରମ ନୟାଗଡ଼ ଜିଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁ ଅଞ୍ଚଳର ପ୍ରାୟ୨୦୦ଟି ଗ୍ରାମରେ ତାରସ୍ୱର ପହଁଚାଇ ପାରୁଛି। ଏହି ରେଡ଼ିଓ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣି ତା'ର ସମାଧାନର ପନ୍ଥା ବାହାର କରିବାରେ ସହାୟକ ହୋଇଥାଏ। ଅନ୍ୟପକ୍ଷେ ଏହି ଅଞ୍ଚଳର ଲୋକକଳା, ପରମ୍ପରା ଓ ଐତିହ୍ୟକୁ ଜାତୀୟସ୍ତରରେ ପହଁଚାଇବାର ପ୍ରୟାସ କରାଯାଉଛି, ଯାହା ମାନବ ସମ୍ବଳର ବିକାଶ ଦିଗରେ ବେଶ୍ ସହାୟକ ହୋଇପାରୁଛି। ଟିଭି ଓ ମୁଦ୍ରଣ ଗଣମାଧ୍ୟମ ପରି ବେତାର କେନ୍ଦ୍ର ରେଡ଼ିଓର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। ମାତ୍ର ଗୋଷ୍ଠୀ ରେଡ଼ିଓ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ତରଫରୁ ବିଧିବଦ୍ଧ ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏଯାଏ ସ୍ୱୀକୃତି ମିଳିପାରିନାହିଁ। ଅନ୍ୟପକ୍ଷେ ଏହି ରେଡ଼ିଓକୁ ସରକାରଙ୍କ ବିଭିନ୍ନ ବିଭାଗରୁ ଜନସୂଚନା ନିମନ୍ତେ ବିଜ୍ଞାପନଟିଏ ମିଳେନାହିଁ। କେବଳ କୃଷି ବିଭାଗ ଜରିଆରେ କେବେ କେମିତି କିଛି କାର୍ଯ୍ୟକ୍ରମ ପାଇଁ ସହଯୋଗ ମିଳିଥାଏ। ତେବେ ଗୋଷ୍ଠୀ ବେତାର କେନ୍ଦ୍ରର ବିକାଶ ଦିଗରେ ସରକାରୀ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ହେଲେ ଏଯାଏ କୌଣସି ସଫଳତା ମିଳିନାହିଁ।

**ରେଡ଼ିଓ କିଷାନ-:** ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକର ଅଠାନ୍ତର ଗାଁରେ ରହିଛି ଏକ ଗୋଷ୍ଠୀ ବେତାର କେନ୍ଦ୍ର-ରେଡ଼ିଓ କିଷାନ। ବିଶେଷକରି ଚାଷୀଙ୍କ ସମ୍ପର୍କରେ କୃଷି ସମ୍ବନ୍ଧୀୟ ବିଭିନ୍ନ ସୂଚନା ଦେଇଥାଏ। ଏହାର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ଦତ୍ତ କୁହନ୍ତି, ଏହି ରେଡ଼ିଓ କିଷାନ ୨୦୧୨ ଜାନୁୟାରୀ ୨୦ରୁ କାର୍ଯ୍ୟକ୍ଷମ ରହିଛି। ସକାଳ ଓ ସନ୍ଧ୍ୟାରେ ଦିନକୁ ପ୍ରାୟ ୧୦ ଘଣ୍ଟାର ସମୟସାରଣୀ ମଧରେ ଆସ ଚାଷ କରିବା, ଆମେ ଆପଣଙ୍କ ସାଥିରେ, ଆମ ଗୋଷ୍ଠୀ ଆମ ପ୍ରଗତି, ବାଡ଼ିବଗିଚା, ଶ୍ରୋତା ବିଚାର ଓ ଏଇ ଆମ ଅଧିକାର ଆଦି କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିଥାଏ। ପ୍ରାୟ ୯୦.୮ ମେଗାହର୍ଜ ଓ ଫ୍ରିକ୍ୱେନ୍ସି ରହିଥିବା ଏହି ରେଡ଼ିଓ ବାଲିପାଟଣା, ନିଆଳି, ପିପିଲି, ବାଲିଅନ୍ତା ଓ ନିମାପଡ଼ା ଅଞ୍ଚଳର ପ୍ରାୟ ୨୦୭ ଖଣ୍ଡ ଗାଁର ଲୋକଙ୍କୁ ଜନହିତକର ସୂଚନା ଯୋଗାଇ ପାରୁଛି। ଏଥିରେ ୫ଜଣ କର୍ମଚାରୀ, ୧୫ଜଣ ଉପଦେଷ୍ଟା, ୨୨ଜଣ କମ୍ୟୁନିଟି ସ୍ୱେଚ୍ଛାସେବୀ ରିପୋର୍ଟର ଭାବେ କାର୍ଯ୍ୟ କରିଥାନ୍ତି। ରାଜ୍ୟ ଓ ଜାତୀୟସ୍ତରରେ ଏହି ରେଡ଼ିଓକୁ ଏକାଧିକ ପୁରସ୍କାର ମିଳିଛି। ସ୍ଥାନୀୟ ଗୋଷ୍ଠୀଙ୍କ ସହଯୋଗରେ ବିଭିନ୍ନ ସମସ୍ୟା ଓ ଲୋକଙ୍କ ସ୍ୱରକୁ ଏଥିରେ ଉପସ୍ଥାପନା କରାଯାଇଥାଏ। ମାତ୍ର କେତେକ ଗୋଷ୍ଠୀ ରେଡ଼ିଓ କେନ୍ଦ୍ରକୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଡିଏଭିପି ଦ୍ୱାରା ପଞ୍ଜୀକରଣ କରାଯାଇଛି, ଯାହାକି ସରକାରଙ୍କ ନୀତିନିୟମ ଧାରାରେ ପରିଚାଳିତ ହେଉଥିବା ଏପରି ବେତାର କେନ୍ଦ୍ରଗୁଡ଼ିକୁ କିଛି ବିଜ୍ଞାପନ ମିଳିଥାଏ, ଯାହା ସମୁଦ୍ରକୁ ଶଙ୍ଖେ ପରି ମନେହୁଏ। ଏତିକିରେ ଏହି ରେଡ଼ିଓ ପରିଚାଳନା କରିବା ସନ୍ତୋଷଜନକ ନୁହେଁ। କିନ୍ତୁ ରାଜ୍ୟ ସରକାରଙ୍କ ତରଫରୁ ଗୋଷ୍ଠୀ ରେଡ଼ିଓ କେନ୍ଦ୍ରକୁ ସରକାରୀ ବିଜ୍ଞାପନ ଦେବାର ସୁବ୍ୟବସ୍ଥା ପାଇଁ ଏଯାଏ ପଞ୍ଜୀକରଣ ବ୍ୟବସ୍ଥା ହୋଇପାରିନାହିଁ।






ସୌମ୍ୟରଞ୍ଜନ ନାୟକ

**ରେଡ଼ିଓ ବୁଲ୍‌ବୁଲ୍-:** ଭଦ୍ରକର ଆରଏମ୍‌ସି ମାର୍କେଟ ନିକଟସ୍ଥ ଚନ୍ଦନବଜାରଠାରେ ରହିଛି ଏକ ଗୋଷ୍ଠୀ ବେତାର କେନ୍ଦ୍ର -ରେଡ଼ିଓ ବୁଲ୍‌ବୁଲ୍ । ଏହାର ସଂସ୍ଥାପକ ସେକ୍ ମହମ୍ମଦ ନିଆଜ। ସେ କୁହନ୍ତି- ଦିଲ୍ଲୀରେ ପ୍ରାୟ ୧୫ ବର୍ଷ ରହି ଏମ୍‌ବିଏ ପଢୁଥିବାବେଳେ ଆଇସିଟିରେ ନିଯୁକ୍ତି ପାଇଥିଲି। ଥରେ ରାଜସ୍ଥାନ ବୁଲିବାକୁ ଯାଇଥିଲି। ସେଠାରେ ଏକ ଗୋଷ୍ଠୀ ବେତାର କେନ୍ଦ୍ର ଦେଖି ଖୁସି ହୋଇଯାଇଥିଲି। ଓଡ଼ିଶା ଫେରିଲା ପରେ ୨୦୦୮ ମସିହରେ ଏକ କମ୍ୟୁନିଟି ରେଡ଼ିଓ କାର୍ଯ୍ୟକ୍ରମରେ ଯୋଗଦେଇଥିଲି, ଯାହାକି ମୋତେ ଏକ ବେତାର କେନ୍ଦ୍ର ନିମନ୍ତେ ପ୍ରେରଣା ଦେଇଥିଲା। ଏହାପରେ ଏକ ଗୋଷ୍ଠୀ ବେତାର କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରି ପ୍ରାୟ ୯ ଲକ୍ଷ ଟଙ୍କା ବ୍ୟୟରେ ଏକ ଛୋଟିଆ ଘରେ ଟ୍ରାନ୍ସଫର୍ମର, ପାୱାର ଆଣ୍ଟିନା ଆଦି ଆବଶ୍ୟକ ଯାନ୍ତ୍ରିକ ସରଞ୍ଜାମ ରହିଲା। ସରକାରୀ ନିୟମାନୁସାରେ, ୨୦୧୮ ଫେବୃୟାରୀରୁ ଏହି ଗୋଷ୍ଠୀ ବେତାର କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ୯୧.୨ ମେଗାହର୍ଜ ବିଶିଷ୍ଟ ଫ୍ରିକ୍ୱେନ'ରେଡ଼ିଓ ବୁଲ୍‌ବୁଲ୍' ରୁ ଦିନକୁ ପ୍ରାୟ ୪ ଘଣ୍ଟାର ସମୟସାରଣୀ ମଧ୍ୟରେ ଗୁଡ୍‌ମର୍ନିଂ ଭଦ୍ରକ, ଭଜନ, ଜୟକିଷାନ, ଫୁଲଆନିକ, ଆମ ସ୍ୱାସ୍ଥ୍ୟ ଆମ ସମ୍ପର୍କ, ମହିଳା ମହଲ, ତାର ଭଲାତୋ ହୋଭଲା ଆଦି କାର୍ଯ୍ୟକ୍ରମକୁ ଭଦ୍ରକ, ଭଣ୍ଡାରିପୋଖରି, ଧାମନଗର, ବାଗଦପୁର, ଚାନ୍ଦବାଲି, ସିମୁଳିଆ ଆଦି ଅଞ୍ଚଳରେ ପ୍ରଚାର ପ୍ରସାର କରାଯାଉଛି। ଏଥିରେ ୬ଜଣ କର୍ମଚାରି ରହିଛନ୍ତି। ଏହି ରେଡ଼ିଓ ମାଧ୍ୟମରେ ଲୋକଙ୍କ କଥା, ଲୋକକଳା ଓ କୃଷି ସୂଚନା ଆଦିକୁ ଶୁଣାଯାଇପାରୁଛି। ଏହି ରେଡ଼ିଓ କେନ୍ଦ୍ର ପରିଚାଳନା ନିମନ୍ତେ ଯଦି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗରୁ ସହଯୋଗ ମିଳନ୍ତା, ତେବେ ଏହାର ବିକାଶ ଦିଗରେ ସହାୟକ ହୋଇପାରନ୍ତା। ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗଠାରୁ ସରକାରଙ୍କ ଅନ୍ୟ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଲୋକଙ୍କ ନିକଟରେ ଏହି ରେଡ଼ିଓ ସ୍ୱର ସଚେତନତା ସୃଷ୍ଟି କରାଇପାରନ୍ତା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସମସ୍ତ ଜନସୂଚନା ସେବାକୁ ଯଦି →



ପ୍ରଦୀପ୍ତ କୁମାର ଦତ୍ତ



ଏହି ରେଡ଼ିଓରେ ଉପଲବ୍ଧ ପାଇଁ ପ୍ରଶାସନର ସହଯୋଗ ରୁହନ୍ତା, ତେବେ ଜନସେବାରେ ବିଭିନ୍ନ ଯୋଜନାର ତଥ୍ୟ ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରନ୍ତା।

**ରେଡ଼ିଓ ସଂସ୍କାର–:** ବେତାରକେନ୍ଦ୍ର ମାଧ୍ୟମରେ ସମାଜରେ ଜନସେବା କରିବା ଲକ୍ଷ୍ୟନେଇ ଜଗତସିଂହପୁର ଜିଲାର ଏହି ବ୍ଲକ ଅନ୍ତର୍ଗତ ଲାଲା ସାହିରେ ଗଢିଉଠିଛି ଏକ ଗୋଷ୍ଠୀ ବେତାର କେନ୍ଦ୍ର –ରେଡ଼ିଓ ସଂସ୍କାର। ଏହାର ନିର୍ଦ୍ଦେଶକ ରହିଛନ୍ତି ସୌମ୍ୟରଞ୍ଜନ ନାୟକ । ସେ କୁହନ୍ତି। ମୁଁ ଆକାଶବାଣୀ କଟକ କେନ୍ଦ୍ରରେ ଆନାଉନ୍‌ସର ଭାବେ କାର୍ଯ୍ୟ କରିଥିବାରୁ ଏକ ଗୋଷ୍ଠୀ ରେଡ଼ିଓ କେନ୍ଦ୍ରଟିଏ ସ୍ଥାପନା କରିବା ପାଇଁ ପ୍ରେରଣା ମିଳିଥିଲା ପ୍ରାୟ ଲକ୍ଷାଧିକ ଟଙ୍କା ବ୍ୟୟରେ । ୨୦୧୧ ଡିସେମ୍ବରରୁ ଏଠାରେ 'ରେଡ଼ିଓ ସଂସ୍କାର' କାର୍ଯ୍ୟକ୍ଷମ ରହିଛି। ଏହା ୯୧.୨ ମେଗାହର୍ଜ ବିଶିଷ୍ଟ ଫିକ୍ୱେନସିରେ ଶୁଣିପାରିବା। ଜଗତ୍‌ସିଂହପୁର, ତିର୍ତ୍ତୋଲ ବ୍ଲକ ଅଞ୍ଚଳର ପ୍ରାୟ ୩୦ଖଣ୍ଡ ଗାଁ ସମେତ ବାଲିକୁଦା ଅଞ୍ଚଳର କେତୋଟି ଗାଁକୁ ଏହି ରେଡ଼ିଓର ସ୍ୱର ଶୁଭୁଥାଏ। ଦିନକୁ ପ୍ରାୟ ୧୨ଘଣ୍ଟାର ସମୟସାରଣୀ ମଧ୍ୟରେ ସକାଳ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ହାଲୋ ଜଗତସିଂହପୁର, ସଞ୍ଜୀବନୀ, ଯାତକବିଚାର, ଆମ ଚାଷ ଆମ ସସମ୍ୟା, ସୁପରହିଟ୍‌ସ ଆଦି ପ୍ରଚାରପ୍ରସାର ହୋଇପାରୁଛି। ମାତ୍ର ଏହି ରେଡ଼ିଓ ପାଇଁ ସରକାରୀ ଆର୍ଥିକ ପ୍ରୋତ୍ସାହନର ବିଶେଷ ସୁବିଧା ଏ ଯାଏ ହୋଇପାରିନାହିଁ। ଏହି ବେତାରକେନ୍ଦ୍ର ୭ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ପରିଚାଳିତ ହେଉଛି। ସ୍ଥାନୀୟ ଗ୍ରାମାଞ୍ଚଳର ପ୍ରତିଭାଙ୍କ ସ୍ୱରକୁ ପରିଚିତ କରାଇବା ସହିତ ଏହାର ଉପଯୋଗିତା ହୋଇପାରିଛି।




**ରେଡ଼ିଓ ସ୍ୱରାଜ–:** ଯାଜପୁର ଜିଲା ଚଣ୍ଡିଖୋଲ ଅଞ୍ଚଳର ଅଭୟପୁରଠାରେ ରହିଛି 'ରେଡ଼ିଓ ସ୍ୱରାଜ' ନାମରେ ଏକ ଗୋଷ୍ଠୀ ବେତାରକେନ୍ଦ୍ର । ଏହାର ସଂସ୍ଥାପକ ସେକ୍ ଅବଦୁଲ ସଫିକ ଜଣେ ସାମାଜିକକର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ସେ କୁହନ୍ତି ଏହି ରେଡ଼ିଓ ସେଣ୍ଟର ସ୍ଥାପନା ପାଇଁ ଆବଶ୍ୟକ ଯାନ୍ତ୍ରପାତିଠାରୁ ଷ୍ଟୁଡ଼ିଓ ଗୃହନିର୍ମାଣ ପର୍ଯ୍ୟନ୍ତ ପ୍ରାୟ୨୦ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ ଏଥିରେ ପ୍ରାୟ ୬ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହା ୨୦୧୮ମସିହାରୁ 'ରେଡ଼ିଓ ସ୍ୱରାଜ' ନାମରେ କାର୍ଯ୍ୟକ୍ଷମ ହୋଇଛି। ଏହି ରେଡ଼ିଓ ୯୦.୪ମେଗାହର୍ଜ ବିଶିଷ୍ଟ ଫ୍ରିକ୍ୱେନ୍‌ସିରୁ ଶୁଣିହେବ। ଦିନକୁ ପ୍ରାୟ ୬ଘଣ୍ଟାର ସମୟସାରଣୀ ମଧ୍ୟରେ ଚାଷବାସ କଥା, ଆମସ୍ୱାସ୍ଥ୍ୟ, ପାଠ ବତାଏ ବାଟ, ସଶକ୍ତମହିଳା ଓ ଆମ ପଞ୍ଚାୟତିରାଜ ଆଦି କାର୍ଯ୍ୟକ୍ରମକୁ ବିଶେଷକରି ଧର୍ମଶାଳା, ବଡ଼ଚଣା, ଟାଙ୍ଗୀ ଚୌଦ୍ୱାର ଓ ଢେଙ୍କାନାଳ ଜିଲା ଗଁଦିଆ ଆଦି ଅଞ୍ଚଳର ପ୍ରାୟ ୨ଶହ ଗାଁରେ ପ୍ରଚାରପ୍ରସାର କରାଯାଇ ସ୍ଥାନୀୟଅଞ୍ଚଳର ଲୋକଙ୍କୁ ସଚେତନ କରାଯାଇପାରୁଥିବାବେଳେ ସେମାନଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରାଯାଇପାରୁଛି। ସେହି ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଭିତ୍ତିକ କାର୍ଯ୍ୟକ୍ରମରେ ଅନେକ ସମାଧାନର କଥାକୁ ଏହି ରେଡ଼ିଓ ଶୁଣାଇଥାଏ। । ଅନ୍ୟପକ୍ଷେ ରାଜ୍ୟରେ ରେଡ଼ିଓ ସ୍ୱୟଂଶକ୍ତି, ରେଡ଼ିଓ ସ୍ମାଇଲ୍, ରେଡ଼ିଓ ଧୂମସା, ରେଡ଼ିଓ ମୁସ୍କାନ, ରେଡ଼ିଓ ହୀରାଖଣ୍ଡ ସମେତ ହାତଗଣତି କେତେକ ସାମାଜିକଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଏପରି ଗୋଷ୍ଠୀ ବେତାରକେନ୍ଦ୍ର ରହିଛି।


ଡ. ଶିଶିର କୁମାର ଦାଶ

ଯେଉଁ ଗାଁକୁ ବିଦ୍ୟୁତ୍ ଯାଇନାହିଁ କିମ୍ବା ଯେଉଁ ଗାଁକୁ ସକାଳୁ ଖବରକାଗଜଟେ ପହଞ୍ଚିବାରେ ବିଳମ୍ବ ଘଟେ, ପୁଣି ଏପରି ଲୋକ ଅଛନ୍ତି ଖବରକାଗଜଟିଏ କିଣିବାକୁ କୁଣ୍ଠାବୋଧ କରୁଛନ୍ତି, ସେଠାର ଲୋକମାନେ ହୁଏତ ରେଡ଼ିଓରୁ ବିଭିନ୍ନ କାର୍ଯ୍ୟକ୍ରମ ଓ ସୂଚନା ଶୁଣିବାକୁ ପାଇଥାନ୍ତି। ଏପରି କି କୌଣସି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଯଦି ବିଦ୍ୟୁତ ସରବରାହ ବ୍ୟାଘାତ ହେଲେ ମଧ୍ୟ ରେଡ଼ିଓସେଟ ସୂଚନା ଦେଇଚାଲେ । ଏହା ବ୍ୟାଟେରିରୁ ଶକ୍ତିଗ୍ରହଣ କରିଥିବାରୁ ଅନ୍ଧାରରେ ବି ଲୋକଙ୍କୁ ସୂଚନା ଯୋଗାଇଥାଏ ଏହି ଯାନ୍ତ୍ରିକ ବାର୍ତ୍ତାବହ । ଯାହା ଗାଁରୁ ସହର ଯାଏ ସଭିଏଁ ଶୁଣିଥାନ୍ତି ।

–ବନବିହାରୀ ବେହେରା





ସେକ୍ ମହମ୍ମଦ ନିଆଜ

ଗାଁରେ ଲୋକଙ୍କୁ ଯେତେବେଳେ କର୍ମକ୍ଲାନ୍ତଜୀବନରେ ଟିକେ ଅବସର ମିଳୁଥିଲା ସେତେବେଳେ ଅଧିକାଂଶଙ୍କ ଅଭ୍ୟାସଥିଲା ରେଡ଼ିଓ ଶୁଣିବା। ଏମିତି କି ସକାଳୁ ସକାଳୁ ରେଡ଼ିଓ ଖୋଲିଲାମାନେ ଆକାଶବାଣୀରୁ ପ୍ରଥମେ ବନ୍ଦେମାତରଂ, ଆଜିର ଅନୁଚିନ୍ତା, ପ୍ରଭାତ ପରିକ୍ରମା, କୃଷିସଂସାର, ଯୁବବାଣୀ, ନାରୀମହଲ, ଶିଶୁସଂସାର , ପାଣିପାଗ ଏବଂ ଆକାଶବାଣୀ ଓଡ଼ିଆରେ ଖବର ପଢୁଛନ୍ତି.... ଇତ୍ୟାଦି ଶୁଣିବାକୁ ମିଳୁଥିଲା। ଏସବୁ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦିଷ୍ଟ ସମୟସାରଣୀ ଥିଲା। ପୁଣି ଅନେକ ସମୟରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ବିଭିନ୍ନ ଖେଳପ୍ରତିଯୋଗିତା ହେଉ କି ପୁରୀ ରଥଯାତ୍ରା ଅଥବା ଖୁଦୁରୁକୁଣୀ ଓଷାର ତଅପୋଇ ନାଟକ ଆଦିର ଧାରାବିବରଣୀକୁ ଆକାଶବାଣୀ କଟକକେନ୍ଦ୍ରରୁ ଓଡ଼ିଶାରପୁରପଲ୍ଲୀରେ ଶୁଣିବାକୁ ମିଳୁଥିଲା। ନିର୍ଦ୍ଦିଷ୍ଟକାର୍ଯ୍ୟକ୍ରମଗୁଡ଼ିକୁ ଶୁଣିବାକୁ ସ୍ୱତନ୍ତ୍ର ଶ୍ରୋତା ବି ଅପେକ୍ଷାକରି ରହୁଥିଲେ। ସେହି ରେଡ଼ିଓର ଲୋକପ୍ରିୟତା ଆଉ ନଥିଲେ ବି ଏବେ ଏହାର ସ୍ଥାନ ନେଇଛି କମ୍ୟୁନିଟି ରେଡ଼ିଓ ସେଣ୍ଟର।


ଏନ୍.ଏ. ଶାହ ଅନ୍‌ସାରୀ



# ଲଳିତା ଲାଜ୍‌ମି








ଭାରତୀୟ ମହିଳା ପେଣ୍ଟରଙ୍କ କଥା ଉଠିଲେ ଲଳିତା ଲାଜ୍‌ମିଙ୍କ କଥା ମନକୁମନ ଆଖିଆଗକୁ ଚାଲିଆସେ । ଲଳିତା ଭାରତୀୟ ଚିତ୍ରକଳାକୁ ଏକ ନୂଆ ଦିଶା ଦେଇଛନ୍ତି ବୋଲି କହିଲେ ଆଦୌ ଭୁଲ୍ ହେବନାହିଁ । ତେବେ ସବୁଠୁ ବଡ଼କଥା ହେଉଛି, ଲଳିତା ବିଧିବଦ୍ଧ ଭାବରେ କାହାଠୁ ଚିତ୍ରକଳା ଶିଖି ନ ଥିଲେ କିମ୍ବା ତାଲିମ୍ ନେଇ ନ ଥିଲେ । ଚିତ୍ରକଳା ତାଙ୍କ ସାଥିରେ ଥିଲା । କ୍ରିଟିକ୍‌ମାନଙ୍କ ମତରେ ସେ ଚିତ୍ରକଳାକୁ ସାଥିରେ ଧରି ହିଁ ଜନ୍ମ ହୋଇଥିଲେ । ସେ ନିଜେନିଜେ ଚିତ୍ର କରିବା ଶିଖିଥିଲେ । ଆଉ ପରିଶେଷରେ ତାହା ହିଁ ତାଙ୍କୁ ଦେଶ ବିଦେଶରେ ପରିଚିତ କରିଦେଇଥିଲା । ଲଳିତା କେବଳ ଜଣେ ପେଣ୍ଟର ନୁହନ୍ତି, ସେ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ମଧ୍ୟ । ତେବେ ନୃତ୍ୟକଳାରେ ସେ ଆଗକୁ ଯିବାର ସେତେବେଶି ସୁଯୋଗ ପାଇ ନ ଥିଲେ । ଲଳିତାଙ୍କ ଆଉ ଏକ ପରିଚୟ ହେଉଛି: ସେ ହେଉଛନ୍ତି ହିନ୍ଦୀ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ, ଅଭିନେତା ଗୁରୁଦତ୍ତଙ୍କ ଭଉଣୀ ।

**ମଧ୍ୟବିତ୍ତର ତାଡ଼ନା :** ମଧ୍ୟବିତ୍ତର ଜୀବନ ଲଳିତାଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଶାସ୍ତ୍ରୀୟ ନୃତ୍ୟରେ ପାରଦର୍ଶିତା ହାସଲ କରିବା ପ୍ରଥମରୁ ତାଙ୍କର ଲକ୍ଷ୍ୟ ଥିଲା । ମାତ୍ର ମଧ୍ୟବିତ୍ତ ପରିବାରର ଦୟନୀୟତା ତାଙ୍କୁ ସେ ଦିଗରେ ଆଗକୁ ଯିବାକୁ ଦେଇ ନ ଥିଲା । ଏକ ଇଣ୍ଟରଭ୍ୟୁରେ ଲଳିତା ଏ ବିଷୟ ବର୍ଣ୍ଣନା କରି କହିଥିଲେ, ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା । ତେଣୁ ତାଙ୍କ ମା'ବାପା ଅନେକ କ୍ଷେତ୍ରରେ ନୀରବତା ଅବଲମ୍ବନ କରୁଥିଲେ । କିଛିଦିନ ପାଇଁ ତାଙ୍କୁ କ୍ଲାସିକାଲ୍ ଡ୍ୟାନ୍ସ କ୍ଲାସ୍‌କୁ ପଠାଇଥିଲେ ମଧ୍ୟ ପରେ ମାସିକ ଖର୍ଚ୍ଚ ଦେବାକୁ ସମର୍ଥ ହୋଇପାରି ନ ଥିଲେ । ତେଣୁ ଲଳିତାଙ୍କର ନୃତ୍ୟ ଶିକ୍ଷା ସ୍ୱପ୍ନରେ ରହିଗଲା ।


ଏକ ପାରମ୍ପରିକ ସମାଜରେ ସେ ବଢ଼ିଥିଲେ । ସେହି ସମାଜ ତାଙ୍କୁ କିନ୍ତୁ ଅନେକ କିଛି ଶିଖିବା ପାଇଁ ଦେଇଥିଲା । ବି.ବି. ବେନେଗଲ ନାମକ ତାଙ୍କର ଜଣେ ମାମୁ ଏକଦା ତାଙ୍କ ପାଇଁ ଏକ ପେଣ୍ଟ ବକ୍ସ ଆଣିଦେଇଥିଲେ । ଏହାକୁ ଦେଖି ଖୁସିରେ ନାଚି ଉଠିଥିଲେ ଲଳିତା । ସେ ମନକୁ ଯାହା ଆସିଲା ତାହାକୁ ରୂପ ଦେବାରେ ଲାଗିଗଲେ । ଏଭଳି କରୁକରୁ ସେ ଯେ କେତେବେଳେ ଜଣେ ପେଣ୍ଟର ପାଲଟି ଯାଇଥିଲେ, ସେକଥା ଖୋଦ୍ ସେ ଜାଣିପାରି ନ ଥିଲେ । ସେ କେବଳ ଜଣେ ପେଣ୍ଟର ହୋଇ ନ ଥିଲେ, ଅଧିକନ୍ତୁ ସେ ଏକ ସ୍କୁଲ୍‌ରେ ପେଣ୍ଟିଂ ଶିଖାଇ ଟଙ୍କା ରୋଜଗାର କରି ପରିବାରର ଆର୍ଥିକ କଷ୍ଟ ଭରଣା କରିଥିଲେ । ତାଙ୍କର ପ୍ରଥମ ପେଣ୍ଟିଂ ଶହେ ଟଙ୍କାରେ ବିକ୍ରି ହୋଇଥିଲା ।

**ପରିବାର:** ଲଳିତାଙ୍କ ପରିବାର ହେଉଛନ୍ତି କର୍ନାଟକର ବାସିନ୍ଦା । ସେମାନେ ମୂଳତଃ କାରୱାର ନିବାସୀ । ତେବେ ପରେ ସେମାନେ ବାଙ୍ଗାଲୋରକୁ ସ୍ଥାନାନ୍ତରିତ ହୋଇ ଆସିଥିଲେ । ଲଳିତାଙ୍କ ବାପା ଜଣେ କବି ଥିଲେ । ତାଙ୍କ ମା' ଥିଲେ କୋଲକାତାର ଝିଅ । ସେ ଭବାନୀପୁରରେ ବଢ଼ିଥିଲେ । ମାମୁ ବି.ବି. ବେନେଗଲଙ୍କ ଅତି ପ୍ରିୟ ଥିଲେ ଲଳିତା । ଲଳିତା ପ୍ରଥମରୁ ଶାସ୍ତ୍ରୀୟ ନୃତ୍ୟ ଶିଖୁଥିଲେ । ତେବେ ଅର୍ଥାଭାବରୁ ତାହା ବନ୍ଦ ହୋଇଗଲା ପରେ ମାମୁ ହିଁ ତାଙ୍କୁ ପ୍ରଥମେ ପେଣ୍ଟିଂ ସହିତ ପରିଚିତ କରାଇଥିଲେ । ସେ ଭଲଭାବରେ ଜାଣିଥିଲେ ଯେ, ଲଳିତା ନିଜ ସାଥିରେ ଏକ ଚିତ୍ରଶିଳ୍ପୀକୁ ନେଇ ଜନ୍ମ ହୋଇଛି । ଆଉ ଦିନେନା ଦିନେ ସେ ଚିତ୍ର ଜଗତରେ ସୁନାମ ଅର୍ଜନ କରିବ । ସେଥିଲାଗି ସେ ଲଳିତାଙ୍କୁ ଧରି ବିଭିନ୍ନ ଚିତ୍ର କମ୍ପିଟିଶନ୍‌କୁ ଯାଉଥିଲେ । ମୁମ୍ବାଇର ଜାହାଙ୍ଗୀର ଆର୍ଟ ଗ୍ୟାଲେରିରେ ୧୯୬୧ ମସିହାରେ ଲଳିତାଙ୍କର ପ୍ରଥମ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଅବଶ୍ୟ ଏହା ଥିଲା ଏକ ଗ୍ରୁପ୍ ଆର୍ଟ ଏକ୍‌ଜିବିଶନ୍ । ପରେ ପରେ ସେ ନିଜର ଏକକ ପ୍ରଦର୍ଶନୀ ମଧ୍ୟ ଆରମ୍ଭ କରିଦେଇଥିଲେ ।

## ପୁସ୍ତକ ସମୀକ୍ଷା

### ଶରତ ଶତମ୍

ସଂକଳନ ଓ ସମ୍ପାଦନା : ନ୍ୟାୟମୂର୍ତ୍ତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ/ ଶୁଭେନ୍ଦୁ କୁମାର ଭୂୟାଁ
ପ୍ରକାଶକ : ଶିଶୁ କଲମ
ମୂଲ୍ୟ : ୨୦୦/-




'ଶରତ ଶତମ୍' ହେଉଛି ଏକ ଜୀବନାଲେଖ୍ୟ । ଓଡ଼ିଶାର 'ମସଲା ମଣିଷ' ଭାବରେ ପରିଚିତ ଡ. ଶରତ କୁମାର ସାହୁଙ୍କ ଜୀବନୀ ତଥା ତାଙ୍କର ଶ୍ରମ ସଂଘର୍ଷକୁ ନେଇ ରଚିତ ହୋଇଛି ଏହି ପୁସ୍ତକଟି । ଉଦ୍ୟୋଗୀ ଡ. ସାହୁ ଜଣେ କର୍ମଯୋଗୀ । ତାଙ୍କ ପାଇଁ କର୍ମ ହିଁ ଈଶ୍ୱର । ଅଗ୍ରଲେଖ 'ଶରତ-ସ୍ୱଗତଃ'ରେ ଏହାର ଅନ୍ୟତମ ସଂକଳକ ସମ୍ପାଦକ ନ୍ୟାୟମୂର୍ତ୍ତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଉଲ୍ଲେଖ କରିଛନ୍ତି ଯେ, 'ସଫଳତା ଓ ବିଫଳତା, ସୁଖ ଓ ଦୁଃଖ – ଏ ସବୁକୁ ପିଠିକରି ଓଡ଼ିଶାରେ ଏକ ସଫଳ ଏବଂ ବିକଶିତ ବ୍ରାଣ୍ଡକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଶ୍ରଦ୍ଧା, ପରିଶ୍ରମ, ସାଧନା ଓ ସର୍ବୋପରି ଆତ୍ମବଳର ସମ୍ବଳକୁ ନେଇ ସେ ଆଜି ହୋଇପାରିଛନ୍ତି ଓଡ଼ିଶା ମାଟିର ଜଣେ ଯଶସ୍ୱୀ ଓ ଯୋଗଜନ୍ମା ମଣିଷ ।' ବହୁ ବିଶିଷ୍ଟ ଲେଖକ ତଥା ବୁଦ୍ଧିଜୀବୀଙ୍କ ଦ୍ୱାରା ଏହି ଜୀବନାଲେଖ୍ୟ ରଚନା କରାଯାଇଛି ।

### ଅଭୁଲା ସମ୍ପର୍କ

କବି : ବୀରେଶ୍ୱର ମହାନ୍ତି
ପ୍ରକାଶକ : ଅପୂର୍ବା
ମୂଲ୍ୟ : ୨୦୦/-




ବୀରେଶ୍ୱର ମହାନ୍ତିଙ୍କ ସଦ୍ୟ ପ୍ରକାଶିତ କବିତା ସଂକଳନ 'ଅଭୁଲା ସମ୍ପର୍କ' । 'ଅପୂର୍ବା' ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଏହି ସଂକଳନର ପ୍ରଥମ କବିତା 'ସାବଧାନ' ଏବଂ ଶେଷତମ କବିତା 'ଆହତ କୋଣାର୍କ' । ସଂକଳନର ଆଦ୍ୟରେ ମୁଖବନ୍ଧ ଲେଖିବାକୁ ଯାଇ ଦାଶ ବେନହୂର ଲେଖିଛନ୍ତି : 'ଅଭୁଲା ସମ୍ପର୍କ' ବନ୍ଧୁ ବୀରେଶ୍ୱର ମହାନ୍ତିଙ୍କ କାବ୍ୟିକ ଉଚ୍ଛ୍ୱାସର ଏକ ସୁସଂହତ ଅକ୍ଷର ରୂପ । ଏକ କବିତା ସଂକଳନ । ପ୍ରତିଟି କବିତାର ଭାବ ନିବିଡ଼, ଭାଷା ସହଜ । କବିତା ଲେଖୁ ଲେଖୁ ନିଜେ ବୀରେଶ୍ୱର ଫିଟି ପଡ଼ିଛନ୍ତି ଆପେ, ଯେମିତି ଧାନଗଛ ଫୁଲ ଉଡ଼ାଏ, ମକାଗଛ ଚଅଁର ମେଲେ ।' କବିତା ସମ୍ପର୍କରେ ନିଜେ କବି କହନ୍ତି- 'ନା ଗୀତ, ନା କବିତା । ଏସବୁ କେବଳ ମୋ ମନର କଥା ।' କବିଙ୍କର ଏହା ପ୍ରଥମ କବିତା ସଂକଳନ ହୋଇଥିଲେ ମଧ୍ୟ ପାଠକଙ୍କୁ ବିମୋହିତ କରିବା ପାଇଁ ଏଥିରେ ରହିଛି ପ୍ରଚୁର ସମ୍ଭାବନା ।

### ବିଭୋର ହୃଦୟ

କବି : ଇଂ. ପ୍ରଦୀପ କୁମାର ଷଡ଼ଙ୍ଗୀ
ପ୍ରକାଶକ : ବ୍ରହ୍ମପୁର ସାହିତ୍ୟ ପରିଷଦ
ମୂଲ୍ୟ : ୧୫୦/-




ବ୍ରହ୍ମପୁର ସାହିତ୍ୟ ପରିଷଦ ଦ୍ୱାରା ପ୍ରକାଶିତ ହୋଇଛି ଗୀତିକବିତା ସଂକଳନ 'ବିଭୋର ହୃଦୟ' । ମୋଟ ୯୧ଟି ଗୀତି କବିତାକୁ ନେଇ ସମୃଦ୍ଧ ହୋଇଥିବା ଏହି ସଂକଳନଟିର କବି ହେଉଛନ୍ତି ଇଂ. ପ୍ରଦୀପ କୁମାର ଷଡ଼ଙ୍ଗୀ । ସଂକଳନର ପ୍ରଥମ କବିତା 'ଆକାଶ ଡାକୁଚି' । ପ୍ରଚଣ୍ଡ ଆଶାବାଦକୁ ନେଇ ରଚିତ ହୋଇଛି ଏହି କବିତା । ପୁଣି ପ୍ରଚୁର ସାଙ୍ଗିତିକତା ବି ଭରି ରହିଛି ଏକ କବିତାରେ । ପ୍ରଥମ ଗୀତି କବିତାର ଘୋଷାଟିକୁ ପାଠ କରାଯାଉ: ଏବେ ଆକାଶ ଡାକୁଛି ଆସ ଆସ, ଆସ ଆସ/ରାଜା କରିଦେବି – ରାଣୀ କରିଦେବି/ ମୋ ପାଖରେ ଅଛି ଜହ୍ନ ତାରା ଦେଶ । ସଂକଳନର ଆଉ ଏକ କବିତା 'ସଙ୍ଗମ' । ଏହା ଏକ ରୋମାଣ୍ଟିକ ଚେତନା ସମ୍ଭୂତ କବିତା । କବିତାରେ କବିଙ୍କ ଆବେଗ ବେଶ୍ ମର୍ମସ୍ପର୍ଶୀ । 'ଜିଇଁ ନ ପାରିଲେ ମରିବା ଏକାଠି ହୋଇ/ରହିବନି ଆଉ ଏ ଦୁନିଆ ଆମ/ପ୍ରୀତିର ବଇରି ହୋଇ । କବିତା ସବୁରେ ପ୍ରୋଥିତ ସାଙ୍ଗିତିକତା ମନକୁ ଆଚ୍ଛନ୍ନ କରିବ ହିଁ କରିବ ।



## ଖରାର ଛଅଟି ସ୍କେଚ୍

–ଅନ୍ତର୍ଯ୍ୟାମୀ ମିଶ୍ର

୧ – ଛତା ,ଜୋତା, ପାଣି ନେଇ ବାହାରକୁ ଯା
ବାହାରେ ପା ଖରା
ଆର ସନ କହୁଥିଲା ଆଈ
ଏ ସନ ସେ ତରା...।।
୨ – କେ କହିଲା ଜଳିବାକୁ ଜାଳିବାକୁ
ଖରା ଭାରି ଭଲପାଏ
ଖରା ନିଜ ଶୋଷ ମାରିବାକୁ
ପଖାଳ କଂସାରେ ଚିତ୍ ମାରି ଶୋଇଯାଏ...।।
୩ – ପ୍ରେମିକା ପାଖରେ ମୋର ଛାଡି ହୃଦୟକୁ
ପ୍ରଜାପତି ପରି ଉଡିଗଲି ଆକାଶକୁ
ଖରା ଚିରି ତାରା ଧରି ଫେରିଲି ତା ପାଶେ
ପ୍ରେମରେ ସବୁ ସମ୍ଭବ କହି ଖରା ନିଜେ ହସେ...।।
୪ – ଆଖିର ଲୁହକୁ ମୋର
ଆଖି ତଳେ ମାରି
ବୋଉର ପଣତ ତଳେ
ଖରା ଯାଏ ହାରି...।।
୫ – ଡରାନା ତୁ ଖରା ମତେ ମୁଁ ବିରହରେ
ଛତା , ଜୋତା , ଘୋଳ ଦହି
ରଖ୍ ତୋ ପାଖରେ
ବାଧ୍ୟ କଲେ ଜଳୁଛି ମୁଁ ତତେ ଜାଳିପାରେ...।।
୬ – ଖରା ସିନା ଶୋସିନେଲା ମାଟିତଳ ମହୁ
ମହୁମାଛି ଠିକଣା ସେ ପାରିଲାନି ଜାଣି
ଆଜିକାଲି ମାଟି ତଳଠୁ
ଆଖି ତଳେ ଅଧିକା ପାଣି...।।

–ବେଲସାଉଁଳିଆ, ବାସୁଦେବପୁର, ଭଦ୍ରକ

## ଭତ୍ତା

–ପବିତ୍ର ବ୍ରହ୍ମପୁତ୍ର ନାୟକ


ବିଧାୟକଙ୍କ ଉପରେ ବୃଦ୍ଧ ଜଣକ ରକ୍ତଚାଉଳ ଚୋବେଇବାକୁ ଲାଗିଲେ । '' କେତେ ଆଉ ଏମିତି ଦଉଡୁ ଥିବି । ଧରାଛୁଆଁ ଦଉନି ତ ବିଧାୟକ । ଆଜି ସରକାରୀ କ୍ୱାଟର୍ସ ତ କାଲି ବିଧାନସଭା ଆଗରୁ ଆଉ କେତେବେଳେ ନିର୍ବାଚନ ପ୍ରଚାର ସ୍ଥଳରୁ ଫେରିବାକୁ ହେଉଛି । ଭତ୍ତା ନ ହେଉ । ଏଥର ଦେଖିଦେବି କେତେ ବହକିଆ କଥା କହିବ କହୁ କ'ଣ ନା ଭତ୍ତା ହେଇଯିବ , କାଇଁ ହେଲାନି ତ''!

ଗତ ନିର୍ବାଚନ ଆଗରୁ ତାଙ୍କୁ ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା ପାଣିର ଗାର ପ୍ରମାଣିତ ହୋଇଛି । ଏଥର ସେ ଉଚିତ ଜବାବ ଦେବେ । ଭୋଟ ବିପରୀତ ପ୍ରାର୍ଥୀ ନ ହେଲେ ନୋଟାରେ ଦେବେ ପଛେ କିନ୍ତୁ ଏଇ ବିଧାୟକଙ୍କୁ ନୁହଁ ।

ନିର୍ବାଚନ ମାସର ଏକ ସକାଳେ ବିଧାୟକ ପହଞ୍ଚି ଗଲେ ବୃଦ୍ଧ ଜଣଙ୍କ ପାଖରେ । '' ମଉସା ଭଲ ଅଛନ୍ତି । ମୋ ଚିହ୍ନ ମନେ ଅଛି । ଘୋଡା । ଏଥର ଜଦି ମୁଁ ଜିତେ ଆପଣଙ୍କର ସବୁ ସୁବିଧା କରିଦେବି'' । ସେଇ ସମାନ ପ୍ରତିଶ୍ରୁତି ଯାହା ପାଞ୍ଚ ବର୍ଷ ତଳେ ଦେଇଥିଲେ ବଖାଣିଗଲେ । ଯିବା ଆଗରୁ ବୃଦ୍ଧ ଜଣଙ୍କୁ ପାଞ୍ଚଶହ ଟଙ୍କିଆ ନୋଟ୍‌ଟିଏ ଧରେଇ ଦେଇ ମତେ ଆଶୀର୍ବାଦ କରନ୍ତୁ ଏଥର ମୁଁ ଜିତିଯାଏ କହି ଗଲେ ।

ଏଥର ବୃଦ୍ଧ ଜଣଙ୍କର ଖୁସି କହିଲେ ନ ସରେ । ଧୀରେ ଧୀରେ କହୁଥିଲେ ଭତ୍ତା ପଛେ ନ ମିଳୁ ଏମିତି ସବୁ ନିର୍ବାଚନରେ ଖଣ୍ଡେ ଖଣ୍ଡେ ଗାନ୍ଧୀମୁଣ୍ଡ ମିଳୁଥାଉ ।

– ନିର୍ଦ୍ଦେଶକ : ବନଫୁଲ
ରାଜନଗର, କେନ୍ଦ୍ରାପଡା



## ପ୍ରତୀକ୍ଷା

–ଗଗନ ବିହାରୀ ନାୟକ

ତତଲା ଭୂଇଁର ବରଷା ଟୋପା ମୁଁ।
ଶୋଷିନିଅ ମୋତେ କାହିଁ ପାଇଁ
ଲିଭିଲା ଜୁଇର ପାଉଁଶ ଗଦାଏ
ବିଞ୍ଚିବାକୁ ଆଉ ଦିଅ ନାହିଁ।।୦।।

ଭଙ୍ଗାବୀଣାର ମୁଁ ବେସୁରା ରାଗିଣୀ ।
ଜଳନ୍ତା ମନର ଅଦେଖା ରୋଶଣି
ଅଶାନ୍ତ ସାଗର ଲହରିଟିଏ ମୁଁ
କୂଳ ଖୋଜି ଆଜି ପାଉନାହିଁ।।୧।।

ନିଦାଘ ଆସିଲା ଜଳାଇ ମାରିଲା।
ଅଣାୟତ୍ତ ହୋଇ ଶ୍ରାବଣୀ ନାଚିଲା।।
ଋତୁ ପରେ ଋତୁ ଆସିଲା ଓ ଗଲା
ତୁମେ କିଆଁ ଆସିଲ ନାହିଁ।।୨।।

ନିରୋଳାରେ ବସି ଆଙ୍କେ ତୁମ ଛବି
କମନୀୟ ରୂପ ତୁମ ଭାବି ଭାବି।
ସପନ ସାଇତା ମନ ଝୁରେ ମୋର
କେମିତି ରହିଛ ଦୂରେଇଦେଇ।।୩।।

–ବିଡିଏ କଲୋନୀ, କ୍ୱାର୍ଟର
ନଂ–୯/୧୦୮, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର




ବରୁଣ ଧାୱନ

# ଯଦି ସୁଯୋଗ ମିଳେ

ଯଦି ସୁଯୋଗ ମିଳେ ତେବେ ସେ କଦାପି ହାତଛଡ଼ା କରିବେ ନାହିଁ। ଏ ନେଇ ସେ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରିସାରିଲେଣି। କଥା କ'ଣ କି, ନବାଗତା ନାୟିକା ସହ ତାଙ୍କର ଯୋଡ଼ି ବେଶ୍ ଜମିବ ବୋଲି ଆଶା ରଖନ୍ତି ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ବରୁଣ ଧାୱନ। ନିକଟରେ ସେ ତାଙ୍କ ୩୨ତମ ଜନ୍ମଦିନ ବେଶ୍ ଧୁମ୍‌ଧାମରେ ପାଳନ କରିଥିଲେ। ଆଉ ଏହି ରଙ୍ଗାରଙ୍ଗ ବାର୍ଥ ଡେ' ସେଲିବ୍ରେଶନ ହୋଇଥିଲା ବ୍ୟାଙ୍କକ୍‌ରେ। ସେଠାରେ ତାଙ୍କ ସାଙ୍ଗମାନଙ୍କ ବ୍ୟତୀତ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବ ଯୋଗଦେଇଥିଲେ। ସେଠାରେ ନିଜ କ୍ୟାରିୟରକୁ ନେଇ ବରୁଣ ଲମ୍ବା ଭାଷଣ ଦେଇଥିଲେ। ସେ କହିଥିଲେ, 'ମୋତେ ଭବିଷ୍ୟତରେ ଯଦି ସୁଯୋଗ ମିଳେ ତେବେ ନବାଗତାଙ୍କ ସହ ଅଭିନୟ କରିବାକୁ ରାଜି ଅଛି। ସେ ଜାହ୍ନବୀ ହୁଅନ୍ତୁ ଅବା ସାରା ଅଥବା ତାରା ସୁଟାରିଆ-ଏମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ସେମାନଙ୍କ ସହ ମୋର ଯୋଡ଼ି ବେଶ୍ ଜମିବ ବୋଲି ଆଶା। କେବଳ ସୁଯୋଗକୁ ଅପେକ୍ଷା'। ତେବେ ବରୁଣଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ସମୟ ହିଁ କହିବ।

# ଚୁଜି ହେଲେଣି ଅନନ୍ୟା

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ମାପିଚୁପି ଚାଲୁଛନ୍ତି। ଦେଖୁନାହାନ୍ତି, ପ୍ରଥମ ସିନେମା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨' ରିଲିଜ ହୋଇନି ହେଲେ ଆଉ ୩-୪ଟି ଅଫର ତାଙ୍କ ହାତରେ ରହିଛି। ହେଲେ ତରତର ହୋଇ ସେ ଆଗେଇବାକୁ ଚାହାନ୍ତିନାହିଁ। ନିଜ କ୍ୟାରିୟର ସମ୍ପର୍କରେ ଅନନ୍ୟା କହନ୍ତି, 'ବଲିଉଡ୍‌ରେ ମୁଁ ଆଦୌ ତରତର ହୋଇ ଆଗେଇବାକୁ ଚାହେଁନାହିଁ। କାରଣ ମୋ ସାମ୍ନାରେ ଲମ୍ବା ଭବିଷ୍ୟତ ପଡ଼ିଛି। ଏବେ ମୋ ହାତରେ ୩-୪ଟି ଅଫର ରହିଛି ସତ, ହେଲେ ସେଗୁଡିକ ବିଷୟରେ କିଛି ନିଷ୍ପତ୍ତି ନେଇନାହିଁ। ଏବେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ର ଶୁଟିଂ ଚାଲିଛି। ଏହା ମୋ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ହେବ ବୋଲି ଆଶା ରଖିଛି। କୌଣସି ସିନେମାରେ ସାଇନ୍ କରିବା ପୂର୍ବରୁ ମୁଁ ମୋ ପାପା (ଚଙ୍କି ପାଣ୍ଡେ)ଙ୍କ ସହ ଆଲୋଚନା କରିଥାଏ।'


ଧର୍ମେନ୍ଦ୍ର

# ମାତ୍ର ୫୧ ଟଙ୍କା

ବଲିଉଡ୍‌ର ହି-ମ୍ୟାନ୍ ଭାବେ ପରିଚିତ ଧର୍ମେନ୍ଦ୍ର। କେବଳ ଅଭିନୟ କିମ୍ବା ଡାଏଲଗ୍ ନୁହେଁ, ନିଜକୁ ଜଣେ ଅଲ୍‌ରାଉଣ୍ଡର ଭାବେ ପରିଚିତ କରାଇ ପାରିଥିଲେ ସେ। ୧୯୬୦ରେ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିଥିଲେ। ସିନେମାଟି ଥିଲା 'ଦିଲ୍ ଭି ତେରା ହମ୍ ଭି ତେରେ'। ଯେକେହି ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ପ୍ରଥମ ସିନେମାରେ ତାଙ୍କୁ କେତେ ପାରିଶ୍ରମିକ ମିଳିଥିଲା। ଏହି ଫିଲ୍ମ ପାଇଁ ସେ ପାଇଥିଲେ ମାତ୍ର ୫୧ ଟଙ୍କା। ହେଲେ ତାହାକୁ ଖାତିର ନ କରି ସେ ଅଭିନୟକୁ ଗୁରୁତ୍ୱ ଦେଇଥିଲେ। ଫଳସ୍ୱରୂପ ପରବର୍ତ୍ତୀ ସମୟରେ ହିନ୍ଦୀ ସିନେମାର ଜଣେ ଲୋକପ୍ରିୟ ଅଭିନେତା ଭାବରେ ସେ ପରିଚିତ ହୋଇପାରିଥିଲେ। ବ୍ୟକ୍ତିଗତ ଜୀବନରେ ସେ ସୁରେୟାଙ୍କ ଜଣେ ବଡ଼ ପ୍ରଶଂସକ ଥିଲେ। ସେତେବେଳେ ତାଙ୍କୁ ସିନେମା ଦେଖିବାର ନିଶା ଏତେ ଧରିଥିଲା ଯେ ଥରେ ସୁରେୟାଙ୍କ ଅଭିନୀତ ଚଳଚ୍ଚିତ୍ରଟିଏ ଦେଖିବାକୁ ସେ ୧୨ ମାଇଲ ଚାଲି ଚାଲି ଯାଇଥିଲେ।

# କ୍ରିତିଙ୍କ ମୁହଁରେ ମାମା ମିଆଁ

କ୍ରିତି ସାନନ୍ ଏବେ ୟୁଆଡ଼େ ଗଲେ 'ମାମା ମିଆଁ' କହି ବୁଲୁଛନ୍ତି। ହେଲେ କ'ଣ ପାଇଁ? ଅସଲ କଥା ହେଲା ସେ ନିକଟରେ ଏକ ଫିଲ୍ମ ପାଇଁ ସାଇନ୍ କରିଛନ୍ତି, ଯାହାର ଟାଇଟଲ ରହିଛି 'ମାମା ମିଆଁ'। ସରୋଗେସି ଉପରେ ଏହାର କାହାଣୀ ଆଧାରିତ। ଏଥିରେ ତାଙ୍କ ପାଇଁ ଆଉ ଏକ ଖୁସି ଖବର ରହିଛି। ସେ ଅଭିନୟ କରିଥିବା 'ଲୁକ୍କା ଛୁପି'ର ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦେବେ। ଯେତେବେଳେ ତାଙ୍କୁ ଏହି ଫିଲ୍ମ ବିଷୟରେ ସୂଚନା ଦିଆଗଲା ସେତେବେଳେ ସେ ଖୁସିରେ ଉଛୁଳି ପଡିଥିଲେ। ଏ ବିଷୟରେ କ୍ରିତି କହନ୍ତି, 'ଫିଲ୍ମ ସାଇନ୍ କରିବା ପୂର୍ବରୁ ନିର୍ଦ୍ଦେଶକ ମୋତେ ଫିଲ୍ମ ବିଷୟରେ ଭଲ ଭାବରେ ସୂଚିତ କରିଥିଲେ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି, ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ। ନିଜ ଦାୟିତ୍ୱ ତୁଲାଇବାକୁ ଯଥାସମ୍ଭବ ଚେଷ୍ଟା କରିବି।' ଦୀନେଶ ଭିଜାନ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମଟି ହେଉଛି ମରାଠୀ ସିନେମା 'ମାଲା ଅଭି ଭାୟେଛେ'ର ରିମେକ୍। ବର୍ତ୍ତମାନ ଏହାର ସ୍କ୍ରିପ୍ଟିଂ କାମ ଚାଲୁ ରହିଛି ଏବଂ ଶୁଟିଂ ଚଳିତବର୍ଷ ନଭେମ୍ବରରୁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ଏହି ଫିଲ୍ମକୁ ବାଦ୍ ଦେଲେ କ୍ରିତିଙ୍କ ହାତରେ ତିନୋଟି ସିନେମା-'ଅର୍ଜୁନ ପଟିଆଲା', 'ହାଉସ୍‌ଫୁଲ-୪' ଏବଂ ଆଶୁତୋଷ ଗୋୱାରିକରଙ୍କ 'ପାନିପଥ'।



# ଆଉ ଜଣେ ନବାଗତ

ରିଲିଜ୍ ଅପେକ୍ଷାରେ ରହିଛି ନୂଆ ଓଡ଼ିଆ ସିନେମା 'ରଙ୍ଗ ବରଷିବ ଟୁପୁରୁ ଟୁପୁରୁ'। ଏହି ସିନେମାରେ ନବାଗତ ତାପସ ଓଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କୁ ଏଭଳି ସୁଯୋଗ ଦେଇଛନ୍ତି ଚିତ୍ରର ନିର୍ଦ୍ଦେଶକ ଜିତେନ୍ଦ୍ରନାଥ ମହାପାତ୍ର। କେବଳ ସେତିକି ନୁହେଁ, ଏଭଳି ପ୍ରଥମ ସୁଯୋଗ ଦେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୁଶ୍ରୀ ରଥ। ଏ ସମ୍ପର୍କରେ ଜିତେନ୍ଦ୍ର କହନ୍ତି, 'ଏକ ଭିନ୍ନଧରଣର ଲଭ୍‌ଷ୍ଟୋରିକୁ ନେଇ ଏହି ଫିଲ୍ମଟି ନିର୍ମିତ ହୋଇଛି। ହେଲେ ମୋର ବିଶ୍ୱାସ, ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। କାହାଣୀ ଅନୁସାରେ, ପ୍ରେମ ପରି ଏକ ମହାନ୍ ଶବ୍ଦ ଯେ ଦିନେ ଶତ୍ରୁତାର ମୁଖ୍ୟ କାରଣ ପାଲଟିବ ତାହା ଚନ୍ଦ୍ରଶେଖର ଆଉ ବିଜୟିନୀ କେବେ କଳ୍ପନା କରି ନ ଥିଲେ। ସମୟକ୍ରମେ ଚନ୍ଦ୍ରଶେଖରଙ୍କ ପୁଅ ଆଦର୍ଶ ଏବଂ ବିଜୟିନୀଙ୍କ ଝିଆରୀ ଦିଶା ବାନ୍ଧି ହୋଇଯାଆନ୍ତି ପ୍ରେମ ଫାଶରେ। ଆଉ ତା'ପରେ ଏହି ପ୍ରେମୀ ଯୁଗଳଙ୍କ ପ୍ରେମ ସଫଳ ହୁଏ କି? କେବଳ ସେତିକି ନୁହେଁ, ପ୍ରେମକୁ ନେଇ ଆହୁରି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ରହିଛି ଏହି କାହାଣୀରେ। ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଲେଖିଛନ୍ତି ଜିତେନ୍ଦ୍ର। ପୁଷ୍ପାଞ୍ଜଳି ପ୍ରଡକ୍ସନ ବ୍ୟାନରରେ ଫିଲ୍ମର ପ୍ରଯୋଜନା କରିଛନ୍ତି ସୁଶାନ୍ତ କୁମାର ବେହେରା ଏବଂ ବି. ଲକ୍ଷ୍ମୀନାରାୟଣ ସୁବୁଦ୍ଧି। ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଏବଂ ଶ୍ରୀକାନ୍ତ ଗୌତମଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅମରେନ୍ଦ୍ର ମହାନ୍ତି। କଣ୍ଠଦାନ କରିଛନ୍ତି ସତ୍ୟଜିତ୍, ଶୁଭମ୍, ଶଶାଙ୍କ, ଦୀପ୍ତିରେଖା, ନଳିତା ଭଞ୍ଜ, ଅନ୍ତରା ଚକ୍ରବର୍ତ୍ତୀ ଓ ଚାମେଲି ମହାପାତ୍ର। ତାପସ-ସୁଶ୍ରୀଙ୍କ ବ୍ୟତୀତ ମିହିର ଦାସ, ଅପରାଜିତା, ଅଶ୍ରୁମୋଚନ ମହାନ୍ତି, କିଶୋର ଖଣ୍ଡୁଆଳ, ସରୋଜ ଦାସ, ବିଜୁ ବଡ଼ଜେନା, ହର ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ତାପସ


ଅନନ୍ୟା

# ଆକଳନ ସତ ହେଲା

ବେଳେବେଳେ ମଣିଷ ଯାହା ଭାବିଥାଏ ତାହା ସତରେ ପରିଣତ ହୁଏ। ଆଉ ସେଥିରୁ ଦିଶା ପଟାନି ବାଦ୍ ପଡିବେ କିପରି? ସେ ଯାହା ଆକଳନ କରିଥିଲେ ତାହା ସତ ହୋଇଛି। କଥା କ'ଣ କି, ସଲମାନ ଅଭିନୟ କରୁଥିବା 'ଭାରତ'ର କାଷ୍ଟିଂରେ ଦିଶା ମଧ୍ୟ ଅଛନ୍ତି। ଦୁହିଙ୍କୁ ନେଇ 'ସ୍ଲୋ ମୋଶନ' ନାମକ ଏକ ଗୀତ ଦୃଶ୍ୟାୟିତ ହୋଇଛି। ଏହି ଗୀତରେ ଦିଶା ଏକ ହଳଦିଆ ରଙ୍ଗର ଶାଢ଼ି ପିନ୍ଧିଛନ୍ତି ଏବଂ ଏହି କଷ୍ଟ୍ୟୁମରେ ବେଶ୍ ଗ୍ଲାମର୍ସ ଲାଗୁଛନ୍ତି। ଅସଲ କଥା ହେଲା, ଏହି ଗୀତଟି ଏବେ ୟୁଟ୍ୟୁବ୍‌ରେ ବେଶ୍ ଭାଇରାଲ ହୋଇଛି। ମାତ୍ର ୨୪ ଘଣ୍ଟା ଭିତରେ ଏହାର ଭିୟୁର ସଂଖ୍ୟା ପହଞ୍ଚିଛି ୨୪ ମିଲିୟନରେ। ଏ ସମ୍ପର୍କରେ ଦିଶା କହନ୍ତି, 'ଏହି ଗୀତ ଶୁଣିବା ପରେ ମୁଁ ଜାଣିଥିଲି ଯେ ତାହାକୁ ଶ୍ରୋତା ନିଶ୍ଚୟ ଗ୍ରହଣ କରିବେ। ବାକି ରହିଲା ଦୃଶ୍ୟାୟନ କଥା। ଏଥିରେ ସଲମାନଙ୍କ ସହ ମୋ କେମେଷ୍ଟ୍ରି ବେଶ୍ ଜମିଛି।' 'ଭାରତ' ଚଳିତବର୍ଷ ଇଦ୍‌ରେ ମୁକ୍ତିଲାଭ କରିବ ଏବଂ ଏହାର ଫିମେଲ ଲିଡ୍‌ରେ ଅଛନ୍ତି କ୍ୟାଟ୍ରିନା କୈଫ।


ଦିଶା ପଟାନି

# ସପନ ଅଧାକୁ କାହାଣୀ ଅଧା, କେବେ ଆସିବ ମୋ ମନର ରାଧା

**ପ୍ରଶ୍ନ**–ଜଣେ ଝିଅ ସବୁବେଳେ ମୋ ସ୍ୱପ୍ନରେ ଆସୁଛି। ତାକୁ ନେଇ କେତେ ସ୍ୱପ୍ନ ଦେଖୁଛି ଆଉ କେତେ କାହାଣୀ ମଧ୍ୟ ଲେଖୁଛି। ହେଲେ ସେ ବାସ୍ତବରେ କେବେ ମୋ ପାଖକୁ ଆସିବ କହିବେ କି ସାଥୀ ?

–ରତନ କୁମାର, ବ୍ରହ୍ମପୁର

**ଉତ୍ତର :** ସ୍ୱପ୍ନ ଆଉ ବାସ୍ତବତା ଭିତରେ ଆକାଶ ପାତାଳ ତଫାତ। ଯେହେତୁ ଆପଣଙ୍କ ମନର ମାନସୀ ଏ ପର୍ଯ୍ୟନ୍ତ ସ୍ୱପ୍ନରେ ରହିଛି, ତେଣୁ ତାକୁ ଏମିତି ଖୋଜିଲେ ସେ କ'ଣ ମିଳିଯିବ। ସପନ ରାଇଜରୁ ବାହାରକୁ ଆସନ୍ତୁ। ନ ହେଲେ ଆପଣଙ୍କ ପ୍ରେମିକା ମିଶନ ସେମିତି ଅଧା ହୋଇ ରହିଯିବ। 'ସପନ ଅଧାକୁ କାହାଣୀ ଅଧା, କେବେ ଆସିବ ମୋ ମନର ରାଧା'। ବାସ୍, ଏହି ପ୍ରଶ୍ନର ସମାଧାନ କରିବାକୁ ଆପଣ ମଗଜ ଖଟାନ୍ତୁ। ବାସ୍ତବ ରାଇଜରେ ମନଲାଖି ପ୍ରେମିକାଟିଏ ଖୋଜନ୍ତୁ।

**ପ୍ରଶ୍ନ**–ଥରେ ଜଣେ ଝିଅକୁ ମୋ ମନର କଥା କହିଲି। ସେ ତାକୁ ବୁଝି ମୋ ପ୍ରେମିକା ସାଜିଲା। ହେଲେ ଅଧା ବାଟରେ କ'ଣ ହେଲା କେଜାଣି ମୋ ହାତ ଛାଡି ଚାଲିଗଲା। ସେ କାହିଁକି ଏମିତି କଲା ?

–ପ୍ରଦୀପ ସାହୁ, ହାଟଡିହି, କେନ୍ଦୁଝର

**ଉତ୍ତର :** ପ୍ରେମିକା ସିଲେକସନରେ ବୋଧହୁଏ ପ୍ରୋବ୍ଲେମ ରହିଗଲା। ଯଦି ସେ ଝିଅ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଥିଲା ତେବେ ଅଧା ବାଟରେ ଛାଡି ଚାଲିଯିବା ଅର୍ଥ ସେପରି ପ୍ରେମରେ କେଉଁଠି ନା କେଉଁଠି କେଁ ଥିଲା। କାରଣ ପ୍ରେମ ପାଠ ଏତେ ସହଜ ନୁହେଁ। ଠିକ ଫର୍ମୁଲା ଆପ୍ଲାଏ ନ କଲେ ପ୍ରେମର ଗଣିତ ଏମିତି ଭୁଲ ହୋଇଯାଏ। ବାସ୍, ମନ ଦୁଃଖ ନ କରି ସେକେଣ୍ଡ ଆଟେମ୍ପ୍ଟ କରନ୍ତୁ।

**ପ୍ରଶ୍ନ**–ସୁନ୍ଦରୀ ଝିଅମାନେ ବେଶି ଧୋକା ଦିଅନ୍ତି। ଏ କଥା ସତ କି ?

–ଦେବାଶିଷ ଦଳେଇ, ଜଗତ୍‌ସିଂହପୁର

**ଉତ୍ତର :** ଧୋକା ଦେବାରେ ଗୋରୀ, କାଳୀରେ କଥା ନ ଥାଏ। ପ୍ରେମିକାର ରଙ୍ଗ ଯାହା ହେଉ ଥାଉ ନା କାହିଁକି ମନରେ ମନ ମିଶିଲେ ପ୍ରେମ ହୋଇଥାଏ। ବାକି ରହିଲା ଧୋକା ଦେବା କଥା। ତାହା ସେମାନଙ୍କର ମାନସିକତା ଉପରେ ନିର୍ଭର କରେ। ତେଣୁ ସୁନ୍ଦରୀ ଝିଅମାନଙ୍କ ଉପରେ ଏକପାଖିଆ ଏପରି ଦୋଷ ଲଦିଦେବା ଠିକ୍ ହେବ କି ନାହିଁ ନିଜେ ଥରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ପ୍ରେମ କରିବାକୁ ଅନେକ ଥର ଚେଷ୍ଟା କରି ବିଫଳ ହେଲି। ଏବେ ଜଣେ ଝିଅ ମୋତେ ତା' ପଟରୁ ପ୍ରେମ ନିବେଦନ କରୁଛି। କ'ଣ କରିବି ?

–ସୁଧାକର ନାୟକ, ପୁରୀ

**ଉତ୍ତର :** ଏପରି ସୁଯୋଗ କିଏ କ'ଣ ହାତଛଡା କରେ ? ଯଦି ଗୋଟିଏ ଚାନ୍ସ ମିଳିଛି ତେବେ ସେଥିରେ ଆଗକୁ ବଢ଼ିଲେ କ୍ଷତି କ'ଣ ? ହେଲେ ଦେଖି ଚାହିଁ ପାଦ ପକାନ୍ତୁ। ନ ହେଲେ ଅତି ଖୁସିରେ କେତେବେଳେ ପ୍ରେମର ମୀନାର ଭାଙ୍ଗିଯିବ ତାହା ଜାଣିପାରିବେ ନାହିଁ।



ସାଥୀ

## ପ୍ରଥମ ରୋଜଗାର



ଗୀତିକାର, ସ୍ତମ୍ଭକାର, କବି, ଗାଳ୍ପିକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ସଂସାଧନ ସଦସ୍ୟ ଭାବେ କାର୍ଯ୍ୟରତ **ଅବନୀ କୁମାର ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାର ଟଙ୍କା ବୋଉକୁ ଦେଇଥିଲି

ଢେଙ୍କାନାଳ ଜିଲା ରଥଗଡ଼ାରେ ମୋର ଜନ୍ମ। ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରୁ ଦଶମ ପାସ୍ ପରେ ମହିମା ମହାବିଦ୍ୟାଳୟରେ ପଢିଥିଲି। ସେତେବେଳେ ଆମର ଗୋଟିଏ ଚୁଡ଼ି ଦୋକାନ ଥିଲା। ବଡ଼ଭାଇ ସେ ଦୋକାନ କଥା ବୁଝୁଥିଲେ। ବେପାର ଭଲ ହେଉ ନ ଥିବାରୁ ଦୋକାନ ବିକିଦେବାକୁ ଘରେ ଆଲୋଚନା ହେଉଥିଲା। କିନ୍ତୁ ମୋ ବୋଉର ସେ ଦୋକାନ ବିକିବାକୁ ଇଚ୍ଛା ନ ଥିଲା। ତେଣୁ ଯୁକ୍ତ ୩ ପାସ୍ କରିବା ପରେ ମୁଁ ସେ ଦୋକାନରେ ଯାଇ ବସିଲି। ପାଖାପାଖି ୧୦/୧୨ ବର୍ଷ ଦୋକାନ ଚଳାଇଲା ପରେ ଦୋକାନ ବନ୍ଦକରି ଚାକିରି କରିବାକୁ ବାହାରିଲି। କାରଣ ଲେଖାଲେଖିରେ ମୋର ରୁଚି ଥିଲା। ଯୁକ୍ତ୩ ପଢ଼ିଲାବେଳୁ ମୁଁ କବିତା, ଗଳ୍ପ, ପ୍ରବନ୍ଧ, ସ୍ତମ୍ଭ, ନାଟକ, ଭଜନ ଆଦି ଲେଖୁଥିଲି। ତା'ଛଡ଼ା ଦୋକାନ ଚଳେଇଲାବେଳେ ମୁଁ ବାଣୀବିହାରରୁ ଓଡ଼ିଆରେ ସ୍ନାତକୋତ୍ତର ମଧ୍ୟ ପାସ୍ କରିସାରିଥିଲି। ତେଣୁ ଦୋକାନ ବନ୍ଦ କରିବା ପରେ ବେଶ୍ କିଛିବର୍ଷ ସାମ୍ବାଦିକ ଭାବେ କାର୍ଯ୍ୟ କଲି। ତେବେ ସାମ୍ବାଦିକତାରୁ ମୋର ଯେଉଁ ପ୍ରଥମ ରୋଜଗାର ହେଲା, ତାକୁ ନେଇ ବୋଉ ହାତରେ ଦେଇଥିଲି। ଏମିତି କିଛିଦିନ ଗଲାପରେ ମୁଁ ଜିଲା ସଂସ୍କୃତି ପରିଷଦର ସଂଯୋଜକ ଭାବେ ମନୋନୀତ ହେଲି। ତେଣୁ ସାମ୍ବାଦିକତା ଛାଡି ଏହି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ସ୍ଥିର କଲି। କିଛିଦିନ ପରେ ମୋତେ ଜିଲା କଳା ସଂସ୍କୃତି ସଂଘର ଉପାଧ୍ୟକ୍ଷ ଭାବେ ଆଉ ଏକ ନୂଆ ଦାୟିତ୍ୱ ମିଳିଲା। ଏହି ଦାୟିତ୍ୱ ନେଇ ମୁଁ ଓଡ଼ିଶା ଲୋକକଳାର ପ୍ରଚାର ଓ ପ୍ରସାର ଦିଗରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହ କଳାକାରମାନଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷାର ଉତ୍ଥାନ ନିମନ୍ତେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସାଧନ କରିବାରେ ଅଗ୍ରସର ହେଲି। ଏହାସହିତ ଜିଲା କଳାକାରମାନଙ୍କ ଉନ୍ନତି ସାଧନ କରି ଆତ୍ମସନ୍ତୋଷ ଲାଭକଲି, ଯେଉଁଥିପାଇଁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଲୋକକଳାରେ ଢେଙ୍କାନାଳକୁ ତିନି ତିନିଥର ଆଦର୍ଶ ଜିଲା ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ମିଳିବା ସହ ମୋତେ ମଧ୍ୟ ଶ୍ରେଷ୍ଠ ଉପାଧ୍ୟକ୍ଷ ଭାବେ ରାଜ୍ୟ ପୁରସ୍କାର ମିଳିଲା। ଏବେ ବି ମୁଁ ଏହି ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇବା ସହ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ସଂସାଧନ ସଦସ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଅଛି। କର୍ମମୟ ଜୀବନ ବାଦ୍ ଲେଖାଲେଖି ମୋର ପୂର୍ବଭଳି ଚାଲିଛି। ୟା' ଭିତରେ ମୋର 'ଶୈବକ୍ଷେତ୍ର କପିଳାସ', 'ଜୀବନ ଜିଜ୍ଞାସା' ଏବଂ 'ସେହି ପାଦ ସେହି ଶବ୍ଦ' ନାମରେ ତିନୋଟି ପୁସ୍ତକ ପ୍ରକାଶ ପାଇସାରିଲାଣି। ଆଉ ଆଗକୁ ଏକ କବିତା ସଂକଳନ ପ୍ରକାଶ କରିବାର ଯୋଜନା ରହିଛି। ତା'ଛଡ଼ା ମୋ ଲିଖିତ ଅନେକ ଗୀତକୁ ନେଇ ବହୁ ଭଜନ କ୍ୟାସେଟ୍ ବି ହୋଇଛି। ଯେମିତିକି 'ରାଧେଶ୍ୟାମ', 'କୃପାମୟୀ ରାମଚଣ୍ଡୀ', 'ଗୋପରୁ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ', 'ଦାରୁବ୍ରହ୍ମ', 'ଓଙ୍କଡ଼ରୁ ଶ୍ରୀକ୍ଷେତ୍ର' ଇତ୍ୟାଦି। ତା'ଛଡ଼ା ଉକ୍ତ କ୍ୟାସେଟ୍‌ରେ ଥିବା ଭଜନ ସବୁର ଭିଡିଓ ମଧ୍ୟ ହୋଇ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରାଯାଇଛି। ତନ୍ମଧ୍ୟରୁ ଅଧିକାଂଶ ଭଜନରେ ମୁଁ ନିଜେ ଅଭିନୟ ମଧ୍ୟ କରିଛି। ଏସବୁ ବ୍ୟତୀତ କପିଳାସ, ମହିମା ଧର୍ମ, ନାଧରା ରାମଚଣ୍ଡୀ, ପଣ୍ଡିମେଶ୍ୱର, ବ୍ରାହ୍ମଣୀ ଦେବୀ, ଦକ୍ଷିଣକାଳୀଙ୍କ ଇତିହାସ ଓ କିମ୍ବଦନ୍ତୀକୁ ଆଧାର କରି ଅନେକ ଭଜନ ଲେଖିଛି ଆଉ ସେସବୁର ଭଜନ ସିଡୀ ମଧ୍ୟ ହୋଇସାରିଛି। ଏଇ ନିକଟରେ 'ଅଭିନନ୍ଦନ' ନାମରେ ଏକ ଦେଶାତ୍ମବୋଧ ଗୀତ ଲେଖିଛି, ଯାହାର ଗୀତ ରେକର୍ଡିଂ ମଧ୍ୟ ସରିଛି।

–ଅସ୍ମିତା

# ରଙ୍ଗିନ ଉଦ୍ଭାବନ

**ରଙ୍ଗ ନ ଥିଲେ ସବୁ ଲାଗେ ଫିକା ଫିକା। ଏହି ରଙ୍ଗର ମାୟାରେ ଏମିତିକି କିଛି ଉଦ୍ଭାବନ ବି ହୋଇଛି ଯାହା ରଙ୍ଗହୀନକୁ ରଙ୍ଗିନ ଓ ପାରମ୍ପରିକ ରଙ୍ଗର ବସ୍ତୁକୁ ଭିନ୍ନ ରଙ୍ଗରେ ରଙ୍ଗାଯାଇଛି...**

**ଟ୍ରାନ୍ସପରେଣ୍ଟ କଫି–** କଫି ସମସ୍ତେ ପିଇଥିବେ, ଆଉ ତା'ର ରଙ୍ଗ କିପରି ଜାଣିଥିବେ। ହେଲେ ଏଠାରେ ଯେଉଁ କଫି କଥା କୁହାଯାଉଛି ତାହା ଦେଖିବାକୁ ଜଳ ପରି ସ୍ୱଚ୍ଛ। କିନ୍ତୁ ପିଇଲେ ତା'ର ସ୍ୱାଦ କୋଲ୍ଡ ବ୍ରିଉ ପରି। ଏହାକୁ ତିଆରି କରିଛନ୍ତି ସ୍ଲୋଭାକିଆର ଦୁଇ ଭାଇ ଡେଭିଡ ଓ ଆଦାମ ନେଗି। ସେମାନେ ଉଚ୍ଚମାନର ଆରାବିକା କଫି ବିନ୍ସରେ ଏକ ଗୁପ୍ତ ପଦ୍ଧତି ଆପଣେଇ ତାକୁ ସ୍ୱଚ୍ଛରେ ରୂପାନ୍ତରିତ କରିଛନ୍ତି। ଏହାକୁ ପିଇଲେ ଦାନ୍ତରେ କିମ୍ବା କପଡାରେ ପଡିଲେ ବି ଦାଗ ହୋଇ ନ ଥାଏ। ଏହାର ନାମ 'ସିଏଲ୍ଆର ସିଏଫ୍ଏଫ୍' ରଖାଯାଇଛି।

**ନୀଳ ୱାଇନ୍–** 'ବ୍ଲୁ ନନ୍' ନାମରେ ପରିଚିତ ଏହି ନୀଳ ରଙ୍ଗର ୱାଇନ୍‌କୁ ସ୍ପେନର ୱାଇନ୍ କମ୍ପାନୀ 'ଗିକ୍' ତିଆରି କରିଛି। ସ୍ପେନ୍‌ର ଚାରୋଟି ଅଞ୍ଚଳ ଲା ରିଓଜା, କାଷ୍ଟିଲା– ଲା ମାଞ୍ଚା, ଲିଓନ୍ ଓ ଜାରାଗୋଜାରୁ ସଂଗୃହୀତ ଲାଲ ଓ ଧଳା ରଙ୍ଗର ଅଙ୍ଗୁରରୁ ଏହାକୁ ତିଆରି କରାଯାଇଛି। ଏହାର ସ୍ୱାଦ ସୁଇଟ୍ ହ୍ୱାଇଟ୍ ୱାଇନ୍ ପରି। କିଛି ଭିନ୍ନ କରିବାକୁ ଚାହୁଁଥିବା ଛଅ ଜଣ ଯୁବ ସ୍ପେନୀୟ ଉଦ୍ୟୋଗକାରୀ ଏହାକୁ ତିଆରି କରିଛନ୍ତି।


**ରଙ୍ଗିନ କ୍ରିସ୍‌ମାସ୍ ଟ୍ରି–** ସବୁଜ ରଙ୍ଗର କ୍ରିସ୍‌ମାସ୍ ଟ୍ରିକୁ ସଜେଇ କ୍ରିସ୍‌ମାସ୍ ମନେଇବା ଏବେ ପୁରୁଣା ହୋଇଗଲାଣି। ତେଣୁ ଆସିଗଲାଣି ରଙ୍ଗିନ କ୍ରିସ୍‌ମାସ୍ ଟ୍ରି। ବାଇଗଣୀ, ସିଲଭର୍, ପିଙ୍କ, ଲାଇଟ୍ ବ୍ଲୁ, ଇଲେକ୍ଟ୍ରିକ୍ ବ୍ଲୁ ଭଳି ରଙ୍ଗରେ ଏବେ କ୍ରିସ୍‌ମାସ୍ ଟ୍ରି ତିଆରି ହୋଇଛି। ଏଗୁଡିକ ବାସ୍ତବ ନ ଲାଗିଲେ ବି ସତ ସତିକା ଗଛ। ଆଉ ଏହା ଉପଲବ୍ଧ ହେଉଛି ନ୍ୟୁଜର୍ସି, ବେଲଭିଡେରସ୍ଥ ୱେକଫସ୍ କ୍ରିସ୍‌ମାସ୍ ଟ୍ରି ଫାର୍ମରେ।

**ନିଓନ୍ କଲର୍ ନୁଡଲ୍–** ଜାପାନରେ ଖାଦ୍ୟ, କଳା ଓ ବିଜ୍ଞାନର ବିକାଶ କ୍ରମାଗତ ଭାବେ ଘଟିଆସୁଛି। ଏଠି ନୂଆ ନୂଆ ଉଦ୍ଭାବନ ହୋଇଥାଏ। ଏଠାକାର ଫୁଡ ରାଇଟର୍ ଓ ମ୍ୟାଡ ସାଇଣ୍ଟିଷ୍ଟ ଭାବେ ପରିଚିତ କୁରାରେ ଉଦ୍ଭାବନ କରିଛନ୍ତି ଏକ ଅଜବ ଜିନିଷ। ସେ ସେଠାକାର ଲୋକପ୍ରିୟ ଉଡୋନ୍ ନୁଡଲ୍ସରେ ଗବେଷଣା କରିଥିଲେ। ଆଉ ୨୦୧୫ରେ ଟ୍ୱିଟର୍‌ରେ ପୋଷ୍ଟ କରିଥିଲେ ନିଓନ୍ ସବୁଜ ରଙ୍ଗର ସୁପ୍‌ରେ ଭାସୁଥିବା ନିଓନ୍ ପିଙ୍ଗ ନୁଡଲ୍ସ। ଯାହା ଉପରେ ସଜାଯାଇଥିଲା ନୀଳରଙ୍ଗର ଟୋଫୁ। ଏହାର ନାଁ ସେ ଦେଇଥିଲେ 'ଇଲେକ୍ଟ୍ରିକାଲ ନୁଡଲ୍ସ'। କୁରାରେ କୁହନ୍ତି, ନୁଡଲରକୁ ରଙ୍ଗିନ କରିବା ପାଇଁ ସେ କୋକସିନ୍ ଓ ରିବୋଫ୍ଲାଭିନ୍ ଭଳି ଫ୍ଲୁରୋସେନ୍ସ କେମିକାଲ୍ ବ୍ୟବହାର କରିଥିଲେ। ଏହି ପଦ୍ଧତିକୁ ବ୍ୟବହାର କରି ସେ ଅନ୍ୟ ଖାଦ୍ୟକୁ ବି ରଙ୍ଗିନ କରି ପ୍ରସ୍ତୁତ କରିଛନ୍ତି। ଯେମିତିକି ଫ୍ଲୋରୋସେଣ୍ଟ କଲର୍‌ର କ୍ରିମ୍, ତରକାରୀ ଏବଂ ଜାପାନୀ ସେକ୍।

**ରଙ୍ଗିନ୍ ପିମ୍ପୁଡି–** ୨୦୧୧ରେ ଭାରତୀୟ ବୈଜ୍ଞାନିକ ଡ.ମହମ୍ମଦ ବାବୁ ତିଆରି କରିଥିଲେ ଟେକ୍ନି କଲର୍ ପିମ୍ପୁଡି। ସ୍ୱଚ୍ଛାଲୋକଭେଦ୍ୟ ପେଟ ଥିବା ପିମ୍ପୁଡିଙ୍କୁ ସେ ରଙ୍ଗିନ ଚିନି ପାଣି ଖୁଆଇ ଥିଲେ। ଆଉ ଆଶ୍ଚର୍ଯ୍ୟଜନକଭାବେ ସେଗୁଡିକର ପେଟ ରଙ୍ଗିନ ଦେଖାଗଲା। ତେବେ ଏହି ପରୀକ୍ଷା ପୂର୍ବରୁ ଦିନେ ତାଙ୍କ ସ୍ତ୍ରୀ ଲକ୍ଷ୍ୟ କଲେ କିଛି ପିମ୍ପୁଡି କ୍ଷୀର ପିଇବା ପରେ ତାଙ୍କ ପେଟ ଧଳା ଦେଖାଗଲା। ପରେ ଡ. ବାବୁ ସେମାନଙ୍କୁ ଚିନି ପାଣିରେ ଖାଦ୍ୟୋପଯୋଗୀ ଲାଲ, ସବୁଜ, ନୀଳ, ହଳଦିଆ ରଙ୍ଗ ମିଶାଇ ଖାଇବାକୁ ଦେଲେ। ଆଉ ପିମ୍ପୁଡିଗୁଡିକଙ୍କ ପେଟ ଖାଇଥିବା ରଙ୍ଗର ଚିନିପାଣି ପରି ହୋଇଗଲା। କିଛିଙ୍କ ପେଟର ରଙ୍ଗ ତ ଖାଇଥିବା ଚିନି ପାଣିଠୁ ଭିନ୍ନ ରଙ୍ଗର ବି ଦେଖାଗଲା।

**କଳା ପାଣି–** ସମସ୍ତେ ଜାଣନ୍ତି ଜଳ ରଙ୍ଗହୀନ, ସ୍ୱାଦହୀନ ବୋଲି। କିନ୍ତୁ ଲୁଇସ୍ ୱିଙ୍କି ତିଆରି କରିଛନ୍ତି ଏମିତି ପାଣି ଯାହାର ରଙ୍ଗ କଳା। ପୋଷକ ତତ୍ତ୍ୱରେ ଭରପୂର ଫଲଭିକ୍ ଏସିଡ୍‌କୁ ପାଣିରେ ମିଶାଇଲେ ତାହା କଳା ପାଲଟିଯାଏ। ଉକ୍ତ ପାଣି ସ୍ମୁଦ୍, ସ୍ୱଚ୍ଛ ଓ ସ୍ୱାଦିଷ୍ଟ ହୋଇଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ବି ହିତକାରୀ।

**ବ୍ଲୁ ବିୟର୍–** ଜାପାନ, ହୋକାଇଡୋର ଆବାଶିରୀ ବ୍ରୁଓ୍ୱେରୀ ପ୍ରସ୍ତୁତ କରିଛି ନୀଳ ରଙ୍ଗର ବିୟର। କମ୍ପାନୀ ଦାବି କରୁଛି ଯେ, ଏହା ସମ୍ପୂର୍ଣ୍ଣ ପ୍ରାକୃତିକ। ଏଥିରେ କୌଣସି ପ୍ରକାରର ରଙ୍ଗ ବ୍ୟବହାର ହୋଇ ନାହିଁ। ବରଂ ଏହି ନୀଳ ରଙ୍ଗ ସାମୁଦ୍ରିକ ଗୁଳ୍ମ, ଫୁଲ, ତରଳିଥିବା ଆଇସ୍‌ବର୍ଗର ଜଳ ଓ ଚାଇନିଜ ଆଳୁକୁ ବ୍ୟବହାର କରି ଆସିଛି।






















## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ସୋନାଲୀ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଏମ୍‌ଏ

ମହେଶ ନବକୁ- ଆରେ ଦୁଇ ମାସ ତଳେ ମୁଁ ତୋ ନେମ୍ ପ୍ଲେଟ୍‌ରେ ଦେଖିଥିଲି ବିଏ ଲେଖାଥିଲା। ଏବେ କ'ଣ ଏମ୍‌ଏ ଲେଖି ଦେଲୁଣି। ଦୁଇ ମାସରେ କ'ଣ ତୁ ଦୁଇ ବର୍ଷର ଡିଗ୍ରୀ ହାସଲ କରିଦେଲୁ?

ନବ- ନା ସେମିତି କିଛି ନୁହଁ। ଦୁଇ ମାସ ତଳେ ମୋ ସ୍ତ୍ରୀ ବାପଘର ଯାଇଥିଲା। ତେଣୁ ଲେଖିଥିଲି ବ୍ୟାଚଲର୍ ଏଗେନ୍ (ବିଏ)। ଏବେ ସେ ଆସିଗଲାଣି। ତେଣୁ ଲେଖିଦେଲି ମ୍ୟାରେଡ୍ ଏଗେନ୍(ଏମ୍‌ଏ)।

### ବାହାରେ ଖାଇବା

ସ୍ୱାମୀ- ଶୁଣୁଛ, ଆଜି ମୋର ଇଚ୍ଛା ହେଉଛି ବାହାରେ ଖାଇବାକୁ।

ସ୍ତ୍ରୀ- ସତ! ହଉ ଟିକେ ଅପେକ୍ଷା କର ମୁଁ ରେଡି ହୋଇ ଆସୁଛି।


ସ୍ୱାମୀ- ଠିକ୍ ଅଛି। ତା' ଭିତରେ ମୁଁ ବାଡିପଟେ ଆସନ ପକେଇ ଖାଇବା ନେଇ ରଖୁଛି।

### ଫାଇଦା

ରୋଗୀ ଡାକ୍ତରଙ୍କୁ ରାଗିକି- ତିନି ଦିନ ହେଲାଣି ଆପଣ ମତେ ଶହେ ଶହେ ଟଙ୍କାର ମେଡିସିନ୍ ଦେଉଛନ୍ତି। ହେଲେ କିଛି ଫାଇଦା ହଉନି।

ଡାକ୍ତର- ଏଥିରେ ରାଗିବାର କ'ଣ ଅଛି? ହଉ, ଆଜି ମୁଁ ତୁମକୁ ୮୦ ଟଙ୍କାର ମେଡିସିନ୍ ଲେଖିଦେବି। ତୁମର ୨୦ ଟଙ୍କାର ଫାଇଦା ହେଇଯିବ।






# ମହଲ ଓ ବଗିଚାର ସହର

କପୁରଥଲା ହେଉଛି ପଞ୍ଜାବର କପୁରଥଲା ଜିଲା ଅନ୍ତର୍ଗତ ଏକ ପ୍ରମୁଖ ସହର। ଏଠାକାର ପରିବେଶ ଯେତିକି ଶାନ୍ତ ସେତିକି ପରିଷ୍କାର ବି। ତା'ଛଡ଼ା ଏଠାରେ ରହିଛି ଅନେକ ଐତିହାସିକ ମହଲ ତଥା ବଗିଚା। ଖାସ୍ ସେଥିପାଇଁ ଅନେକେ କପୁରଥଲାକୁ ମହଲ ଓ ବଗିଚାର ସହର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ସହରର ନାମକରଣ ରାଣା କପୁରଙ୍କ ନାମାନୁସାରେ କରାଯାଇଛି, ଯିଏ କି ଜୟସଲମେର୍‌ରେ ରହୁଥିବା ରାଜପରିବାରର ଜଣେ ବଂଶଜ ଥିଲେ। ଆଉ ତାଙ୍କରି ଦ୍ୱାରା ହିଁ ଏହି ସହର ଲୋକଲୋଚନକୁ ଆସିଥିଲା।





## କେବେ ଓ କେମିତି ଯିବେ

କପୁରଥଲାକୁ ବର୍ଷର ଯେ କୌଣସି ସମୟରେ ବୁଲି ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଅକ୍ଟୋବର ହେଉଛି ଏଠାକୁ ଭ୍ରମଣରେ ଯିବାର ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ଜଳବାୟୁ ବେଶ୍ ଆରାମଦାୟକ ଥାଏ। ସେହିପରି ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି ଏଠାରେ। ଅମୃତସରସ୍ଥିତ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା କପୁରଥଲା ସହରଠାରୁ ପ୍ରାୟ ୬୨ କି.ମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷେ ଟ୍ରେନ୍ ଓ ବସ୍ ଯୋଗେ ବି ଏଠାକୁ ଯିବାର ସୁବ୍ୟବସ୍ଥା ରହିଛି।

## କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କପୁରଥଲାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି ସୈନିକ ସ୍କୁଲ, ମୁରିଶ ମସ୍‌ଜିଦ୍, ଜଗତଜିତ୍ କ୍ଲବ, ପଞ୍ଚ ମନ୍ଦିର, ଗୁରୁଦ୍ୱାରା ବେର ସାହିବ ଇତ୍ୟାଦି...

**ସୈନିକ ସ୍କୁଲ:** ଏହା ପ୍ରଥମେ ଜଗତଜିତ୍ ମହଲ ନାଁରେ ଜଣାଯାଉଥିଲା। ଏଠାରେ କପୁରଥଲାରେ ଶାସନ କରୁଥିବା ପୂର୍ବ ମହାରାଜା ଜଗତଜିତ୍ ସିଂ ରହୁଥିଲେ। ପ୍ରାୟ ୨୦୦ ଏକର ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ମହଲର ବାସ୍ତୁକଳା ଖୁବ୍ ଆକର୍ଷଣୀୟ। ଖାସ୍‌କରି ଏହାର ଦରବାର ହଲ୍ ଦର୍ଶକଙ୍କର ମନ ମୋହିନିଏ। ବର୍ତ୍ତମାନ ଏହା ସୈନିକ ସ୍କୁଲ୍ ନାମରେ ପରିଚିତ ହେଉଥିଲେ ହେଁ, ଏହାର ଆକର୍ଷଣ ଏବେ ବି ସେମିତି ଅକ୍ଷୁଣ୍ଣ ହୋଇ ରହିଛି।

**ମୁରିଶ ମସ୍‌ଜିଦ୍:** ଏହି ମସ୍‌ଜିଦ୍‌କୁ ବି ମହାରାଜା ଜଗତଜିତ୍ ସିଂ ନିର୍ମାଣ କରାଇଥିଲେ। ଏହାକୁ ତିଆରି କରିବା ପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଯାଇଥିଲା। ଆକର୍ଷଣୀୟ କାରୁକାର୍ଯ୍ୟଭରା ଏହି ମସ୍‌ଜିଦ୍‌କୁ ନିର୍ମାଣ କରିବାର ଦାୟିତ୍ୱ ଜଣେ ଫ୍ରେଞ୍ଚ ବାସ୍ତୁକାର ନେଇଥିଲେ।

**ଜଗତ୍‌ଜିତ୍ କ୍ଲବ:** ଏହା କପୁରଥଲା ସହରର ମଧ୍ୟବର୍ତ୍ତୀ ଅଞ୍ଚଳରେ ଗଢି ଉଠିଥିବା ଏକ ଆକର୍ଷଣୀୟ ଭବନ। ଗ୍ରୀକ୍ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ହୋଇଥିବା ଏହି ଭବନଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟରେ ସାମିଲ କରାଯାଇଛି। ଯେମିତିକି ପ୍ରଥମେ ଏହାକୁ ଏକ ଚର୍ଚ୍ଚର ରୂପ ଦିଆଯାଇଥିଲା, ପରେ ଏହା ସିନେମା ହଲ୍ ଭାବେ କାର୍ଯ୍ୟକଲା। ଆଉ ଏବେ ଏହା ସ୍ଥାନୀୟ ଏକ ଲୋକପ୍ରିୟ କ୍ଲବ୍ ଭାବେ ଜଣାଯାଉଛି।

**ପଞ୍ଚ ମନ୍ଦିର:** ଐତିହାସିକ ମହତ୍ତ୍ୱ ରଖୁଥିବା ଏହି ମନ୍ଦିର ପରିସରରେ ଛୋଟ ଛୋଟ ପାଞ୍ଚଟି ମନ୍ଦିର ଦେଖିବାକୁ ମିଳେ। ଖାସ୍ କଥା ହେଲା ଏହି ପାଞ୍ଚଟି ମନ୍ଦିରର ନିର୍ମାଣ କାର୍ଯ୍ୟ ଏପରି ହୋଇଛି, ଯଦ୍ଦ୍ୱାରା ଭକ୍ତ ଚାହିଁଲେ ମନ୍ଦିରର ପ୍ରବେଶ ଦ୍ୱାର ପାଖେ ଠିଆ ହୋଇ ସେହିଠାରୁ ହିଁ ଉକ୍ତ ପାଞ୍ଚଟି ମନ୍ଦିରର ଦେବଦେବୀଙ୍କୁ ଦର୍ଶନ କରିପାରିବେ।

**ଗୁରୁଦ୍ୱାରା ବେର୍ ସାହିବ:** କପୁରଥଲା ଜିଲା ଅନ୍ତର୍ଗତ ସୁଲତାନ୍‌ପୁର ଲୋଧିଠାରେ ରହିଛି ଏହି ପ୍ରସିଦ୍ଧ ଗୁରୁଦ୍ୱାରା ବେର୍ ସାହିବ। ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ପାଇଁ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। କୁହାଯାଏ ଏଠାରେ କୁଆଡେ ଶିଖ୍ ଧର୍ମର ପ୍ରଥମ ଗୁରୁ 'ଗୁରୁ ନାନକ' ୧୪ ବର୍ଷ ଜୀବନ ଅତିବାହିତ କରିଥିଲେ। ସେହିପରି ବେର୍ ହେଉଛି ଏଠାକାର ଏକ ଗଛ, ଯାହାକୁ ଗୁରୁ ନାନକ ନିଜେ ଲଗାଇଥିଲେ ଆଉ ସେହି ଗଛ ମୂଳେ ବସି ସେ ଶିଖ୍ ଧର୍ମର ମୂଳମନ୍ତ୍ର ପ୍ରକାଶ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି।

ତେବେ ଏସବୁ ଦର୍ଶନୀୟସ୍ଥାନ ବାଦ୍ କପୁରଥଲାରେ ଦେଖିବା ପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ଛୋଟମୋଟ ବଗିଚା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ।





# ବିଲେଇ ପାଇଁ ଘରେ ତିଆରି ହେଲା ଗଛ



ଆଜିକାଲି ପେଟ୍‌ମାନଙ୍କୁ ତାଙ୍କ ମାଲିକମାନେ କେତେ ଆରାମ ଜୀବନ ପ୍ରଦାନ କରୁଛନ୍ତି ତାହା କହିବା ବାହୁଲ୍ୟ । ଦାମୀ ପୋଷାକଠୁ ଆରମ୍ଭ କରି ଖାଇବା ପିଇବା ସବୁକିଛି ସେମାନଙ୍କ ପାଇଁ ଖାସ୍ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ପଶ୍ଚିମ ନ୍ୟୁୟର୍କରେ । ଏଠାକାର ଜଣେ ମାଲିକ ତାଙ୍କ ପୋଷା ବିଲେଇ ପାଇଁ ଘର ଭିତରେ ତିଆରି କରାଇଛନ୍ତି ଏକ ଗଛ, ଯାହାକି ତାଙ୍କ ଆଡ୍‌ଭେଞ୍ଚର୍ସ କିଟିକୁ ବେଶ୍ ଆନନ୍ଦର ଖୋରାକ ଯୋଗାଉଛି । ବାସ୍ତବ ପରି ଲାଗୁଥିବା ଏହି ଗଛକୁ ତିଆରି କରିଛନ୍ତି ତାଙ୍କର କଳାକାର ବନ୍ଧୁ ରବର୍ଟ ରୋଗଲସ୍କି । ଏହି କଳାକାରଙ୍କ କଳାକୃତି ଯେ କେବଳ ମଣିଷଙ୍କୁ ଆନନ୍ଦ ଦେଇଛି ତାହା ନୁହେଁ, ଏପରି କି ସେ ପ୍ରାଣୀଙ୍କ ମନ ବି ଜିଣିପାରିଛନ୍ତି । ନିଜ ବନ୍ଧୁଙ୍କ ଘରେ ଥିବା ବିଲେଇ ପାଇଁ ସେ ଘର ଭିତରେ ତିଆରି କରିଛନ୍ତି ଏହି ଗଛ । ଘର ଚଟାଣରୁ ଏହାର ଚେର ଆରମ୍ଭ ହୋଇ କାନ୍ଥ ଓ ଛାତ ପର୍ଯ୍ୟନ୍ତ ଏହାର ଶାଖା ପ୍ରଶାଖା ପ୍ରସାରିତ ହୋଇ ରହିଛି । କାଠ, ଫୋମ୍, ପେପର୍ ପଲ୍ପ ଓ ଅଠା ବ୍ୟବହାର କରି ସେ ଏହି ଗଛ ତିଆରି କରିଛନ୍ତି । ପରେ ତାଙ୍କୁ ପେଣ୍ଟ କରି ପୂରାପୂରି ବାସ୍ତବ ଲୁକ୍ ଦେଇଛନ୍ତି । ଗୋଟିଏ ଗଛ ତିଆରି ପାଇଁ ୩-୪ ସପ୍ତାହ ଲାଗିଥାଏ ।







## କାର୍ଟୁନ କର୍ନର




ମୁନୁ

## ସିରିଏଲ୍‌ରୁ ଯାତ୍ରା

ସତ୍ୟବ୍ରତ ପଣ୍ଡା ଓରଫ ମୁନୁ। ସେ କିନ୍ତୁ ମୁନୁ ପଣ୍ଡା ନାଁରେ ହିଁ ପରିଚିତ ଯାତ୍ରା ଇଣ୍ଡଷ୍ଟ୍ରିରେ। ଆଗାମୀ ଦିନରେ ଓଡ଼ିଆ ଯାତ୍ରାର ଭବିଷ୍ୟତ ଯେଉଁ କେତେଜଣ ଅଭିନେତାଙ୍କ କାନ୍ଧରେ ରହିବ ସେଭଳି ଜଣେ ନବପ୍ରଜନ୍ମର ଅଭିନେତା ହେଉଛନ୍ତି ମୁନୁ। ମାତ୍ର ଦୁଇବର୍ଷ ତଳେ ତାଙ୍କର ଯାତ୍ରାକୁ ପ୍ରବେଶ। ଅଭିନୟରେ ସେ ବେଶ୍ ପରିପକ୍ୱ। ତାଙ୍କର ପସନ୍ଦ ଉଭୟ ନେଗେଟିଭ୍ ଆଉ ପଜିଟିଭ୍ ଭୂମିକା। ବିଶେଷକରି, ଆଂଗ୍ରି ପୋଲିସ୍ ଅଫିସର ଭୂମିକା ତାଙ୍କୁ ସବୁଠୁ ବେଶି ମାନେ। ଭଦ୍ରକରେ ଘର। ବାପା ଅକ୍ଷୟ ପଣ୍ଡା ଓ ମା' ଅହଲ୍ୟା ପଣ୍ଡାଙ୍କ ଆଶୀର୍ବାଦ ତାଙ୍କ କ୍ୟାରିୟର ପଛରେ ରହିଛି ବୋଲି ତାଙ୍କର ମତ। ସମ୍ପ୍ରତି 'ଯାତ୍ରା ଇନ୍ଦ୍ରମହଲ'ରେ ଅଭିନୟ କରୁଥିବା ମୁନୁ ପ୍ରଥମେ ସିରିଏଲ୍‌ରେ ଅଭିନୟ କରି ତାଙ୍କ କଳାକାର ଜୀବନର ଆରମ୍ଭ କରିଥିଲେ। 'ଗୋଟିଏ ମନର କୋଟିଏ ସ୍ୱପ୍ନ' ଭଳି ସିରିଏଲ୍ ଏବଂ ଫିଲ୍ମ 'ତୁଳସୀ ଅପା'ରେ ଦେଖିବାକୁ ମିଳେ ତାଙ୍କ ଅଭିନୟର ସ୍ୱାକ୍ଷର। ସେ କେବଳ ସିରିଏଲ୍‌ରେ ଅଭିନୟ କରିନାହାନ୍ତି। ଅଧିକନ୍ତୁ, ଅନେକ ସିରିଏଲ୍‌ରେ ସହନିର୍ଦ୍ଦେଶନାର ଦାୟିତ୍ୱ ମଧ୍ୟ ନିର୍ବାହ କରିଛନ୍ତି। ପିଲାଟି ବେଳୁ ଅଭିନୟକୁ ନେଇ ଥିଲେ ଦୁର୍ବଳ। ବିଶେଷକରି ଯାତ୍ରା ପ୍ରତି ଥିଲା ତାଙ୍କର ସବୁଠୁ ବେଶି ଦୁର୍ବଳତା। ସେଥିଲାଗି ସୁଯୋଗ ମିଳିବାମାତ୍ରେ ସେ ଚାଲିଆସିଲେ ଯାତ୍ରାକୁ। ମୁନୁ ଅଭିନୟ କରିଥିବା ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'ସୁନାର ପଞ୍ଜୁରି ମାଟିର ଶାରୀ', 'ପାଞ୍ଚ ପଇସାର ସ୍ୱାମୀ', 'କହିଦେଲେ ମୁଁ ମରିଯିବୁ ତୁ', 'ଗାଁରୁ ଆସିଛି ଗଉରୀ ନାନୀ', 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ', 'ବଡ଼ଲୋକକୁ ଉତ୍ତର ନାହିଁ', 'ଶ୍ରୀକୃଷ୍ଣ ମୋର ଶେଷସାକ୍ଷୀ' ଏବଂ 'ଗଙ୍ଗା ପାପକଲେ ଧୋଇବ କିଏ'। କିମ୍ବଦନ୍ତୀ ଅଭିନେତା ଅମିତାଭ୍ ବଚ୍ଚନ ଏବଂ ଭର୍ସାଟାଇଲ୍ ମିହିର ଦାସଙ୍କୁ ନିଜ ଜୀବନର ଆଦର୍ଶ ବୋଲି ମନେ କରୁଥିବା ମୁନୁଙ୍କ ଇଚ୍ଛା ସେ ଦର୍ଶକଙ୍କ ପାଖରେ ଜଣେ ଭଲ କଳାକାରର ପରିଚୟ ତିଆରି କରିବେ। ମୁନୁଙ୍କ ଯାତ୍ରାକୁ ଆସିବା ନେଇ ପ୍ରଥମେ ପରିବାରରେ ପ୍ରତିବାଦର ସ୍ୱର ଉଠିଥିଲା। ବାପାମା' ଅରାଜି ଥିଲେ। ପୁଣି ପତ୍ନୀ ପ୍ରିୟଦର୍ଶିନୀ ମଧ୍ୟ ମନଉଣା କରିଥିଲେ। ମାତ୍ର ମୁନୁ ବୁଝେଇ ଦେଇଥିଲେ ସମସ୍ତଙ୍କୁ ଯେ, ନିଜେ ଠିକ୍ ଥିଲେ ଦୁନିଆ ଠିକ୍। ଏବେ ମୁନୁଙ୍କ ଅଭିନୟକୁ ନେଇ କାହାର କୌଣସି ପ୍ରତିବାଦ ନାହିଁ। ଓଲଟି ମୁନୁ କହନ୍ତି : ବାପା, ମା' ଓ ପତ୍ନୀ ଏବେ ତାଙ୍କ ପାଇଁ ପ୍ରେରଣା ଓ ପଥ ପ୍ରଦର୍ଶକ ପାଲଟିଛନ୍ତି।

# 'ମୁଁ ମୋର ପ୍ରତିଦ୍ୱନ୍ଦ୍ୱୀ'

ସେ ଏକ ନିଆରା ଷ୍ଟାଇଲ୍‌ରେ ମଞ୍ଚକୁ ଆସନ୍ତି। ନିଆରା ଢଙ୍ଗରେ ଡାଏଲଗ୍ କହନ୍ତି। ପୁଣି ତାଙ୍କ ଅଭିନୟ ବି ବେଶ୍ ନିଆରା। ସେ ହେଉଛନ୍ତି ଓଡ଼ିଆ ଯାତ୍ରା ଇଣ୍ଡଷ୍ଟ୍ରିର ଅନ୍ୟତମ ବ୍ୟାଡ୍‌ମ୍ୟାନ୍ ଜଗା ଓରଫ୍ ଜଗନ୍ନାଥ ମହାପାତ୍ର। ଖଳନାୟକ ଭାବରେ ସିନା ଅଭିନୟ କରନ୍ତି, ହେଲେ ତାଙ୍କ ଭିତରଟା ପୂରାପୂରି ନରମ। ମଞ୍ଚରେ ଦର୍ଶକ ତାଙ୍କୁ ଯେମିତି ଦେଖନ୍ତି ମଞ୍ଚ ତଳେ ସେ ତାହାର ଠିକ୍ ଓଲଟା। ଭଦ୍ରକ ଜିଲାର ଅଗରପଡ଼ା ନିକଟସ୍ଥ ଗୋପୀନାଥପୁର ଗ୍ରାମରେ ଜନ୍ମିତ ଜଗା ୧୯୯୯ ମସିହାରେ ଆସନ୍ତି ଯାତ୍ରାକୁ। ପ୍ରଥମ ଯାତ୍ରା ଅନୁଷ୍ଠାନ ସେତେବେଳର ସବୁଠୁ ଅଗ୍ରଣୀ ଅନୁଷ୍ଠାନ 'ଓଡ଼ିଶା ଅପେରା'। ପ୍ରଥମ ନାଟକ 'ମୋ ବୋହୂ ପଢ଼ିବ ଲକ୍ଷ୍ମୀପୁରାଣ'। ଏଥିରେ ତାଙ୍କର ଭୂମିକା ଦୁର୍ଦ୍ଦାନ୍ତ ଛୋଟୁ ଦାଦା। ଜଗା ଯେଉଁ ଅଞ୍ଚଳରେ ଜନ୍ମ ହୋଇଥିଲେ ସେ ଅଞ୍ଚଳ ଥିଲା କଳା ଆଉ କଳାକାରଙ୍କ ପେଣ୍ଠସ୍ଥଳୀ। ବର୍ଷକ ବାରମାସ ସେ ଅଞ୍ଚଳରେ କୋଉଠି ନା କୋଉଠି ଯାତ୍ରା, ପାଲା, ଦାସକାଠିଆ ଅନୁଷ୍ଠିତ ହେଉଥାଏ। ଏଭଳି ସାଂସ୍କୃତିକ ପରିବେଶରେ ଜନ୍ମ ହୋଇଥିବା ଆଉ ବଢ଼ିଥିବା ଜଗା ପିଲାଟି ବେଳୁ ଅଭିନୟ ପ୍ରତି ଆକୃଷ୍ଟ ହୋଇଉଠିଥିଲେ। ଓଡ଼ିଶା ଅପେରାର ଦୁଇ ଖ୍ୟାତନାମା ଅଭିନେତା ତଥା ଓଡ଼ିଆ ଯାତ୍ରା ଜଗତର ଦୁଇ କିମ୍ବଦନ୍ତୀ କଳାକାର ଗୟାଧର ମଲ୍ଲିକ ଏବଂ ଦୀନବନ୍ଧୁ ମାଟିଆ ଥିଲେ ତାଙ୍କର ଆଦର୍ଶ। ସେମାନଙ୍କୁ ଗୁରୁ କରି ସେ ଆରମ୍ଭ କରିଥିଲେ ତାଙ୍କର ଅଭିନୟ। ଇତିମଧ୍ୟରେ ଯାତ୍ରା ଜଗତରେ ଦୁଇ ଦଶନ୍ଧି ଅତିକ୍ରମ କରି ସାରିଛନ୍ତି ସେ। 'ଓଡ଼ିଶା ଅପେରା'ରୁ ନିଜ ଅଭିନୟ ଜୀବନର ଖଡ଼ି ଛୁଇଁଥିବା ଜଗା 'ଧରିତ୍ରୀ ଅପେରା', 'ବାଘାଯତୀନ ଲୋକନାଟ୍ୟ', 'ସାହାଣୀ ଅପେରା', 'ତ୍ରିନାଥ ଗଣନାଟ୍ୟ', 'ତୁଳସୀ ଗଣନାଟ୍ୟ' ଆଦି ଅଗ୍ରଣୀ ଯାତ୍ରାନୁଷ୍ଠାନରେ ଅଭିନୟ କରି ଏବେ ଆସି ପହଞ୍ଚିଛନ୍ତି 'ଯାତ୍ରା ସ୍ୱର୍ଣ୍ଣମହଲରେ'। ତେବେ 'ତୁଳସୀ ଗଣନାଟ୍ୟ' ତାଙ୍କୁ ପରିଚୟ ଦେଇଛି ବୋଲି ସ୍ୱୀକାର କରନ୍ତି ଜଗା। ସେଠାରେ ସେ ଏକାଦିକ୍ରମେ ୧୨ବର୍ଷ ଅଭିନୟ କରିଛନ୍ତି। ଜଗାଙ୍କ ଅଭିନୀତ ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'ମୋ ବୋହୂ ପଢ଼ିବ ଲକ୍ଷ୍ମୀପୁରାଣ', 'କାନ ମୋଡ଼ିଦେଲେ ସତ କହିବ', 'ବଡ଼ ବୋହୂ ବଡ଼ ଲାଜେଇ', 'ମାଳି ସାହି ମୀରା କାହାରି ନୁହେଁ', 'ବାପା ଯାଇଛନ୍ତି ଥାନାକୁ', 'ବିସ୍ଫୋରଣ ୨୦୧୨', 'କାଳୀ ନୂଆବୋଉ', 'ରୂପାଲି ଛକ ରେପ୍ କେସ୍', 'ପୁରୀରେ ପ୍ରେମିକା କଟକରେ ସ୍ତ୍ରୀ', 'ବଳାତ୍କାର', 'କେମିତି ଏ ବନ୍ଧନ', 'ରୁବି ତୋର ରୂପ ହଜାରେ', 'ଜୀବନର ଶେଷ ଷ୍ଟେଶନ୍', 'ଆଖି ତୁ କାନ୍ଦେନା', 'ଲୁହରେ ଲୁହରେ ଲଭ୍‌ଷ୍ଟୋରି', 'କାନିରେ ପଡ଼ିଲା ଗଣ୍ଠି' ଏବଂ ଆହୁରି ଅନେକ। ଚଳିତବର୍ଷ ଯାତ୍ରା ସ୍ୱର୍ଣ୍ଣମହଲରେ ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଆମ ଗାଁ ଜଗନ୍ନାଥ ତୁମ ଗାଁ ଆଲ୍ଲା', 'ଗୀତାକୁ ଛୁଇଁଲେ ପାପ', 'କେମିତିକା ନାରୀ ତୁ', 'ପ୍ରେମ ସବାରିରେ ପ୍ରୀତି ନାୟିକା'। ଗୋଟିଏ ନାଟକରେ ଖଳନାୟକର ଗୁରୁତ୍ୱ କ'ଣ ବୋଲି ପ୍ରଶ୍ନର ଉତ୍ତରରେ ଜଗା କହନ୍ତି– 'ନାଟକରୁ ଖଳନାୟକକୁ ବାଦ ଦେଲେ ନାଟକ ଏକ ପୋଲିଓ ଶିଶୁ। ଏଥିରୁ ଅନୁମାନ କରନ୍ତୁ ନାଟକରେ ଖଳନାୟକର ଗୁରୁତ୍ୱ କେତେ।' ଏହି ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳର ଏକ ଅନୁଭୂତି ବର୍ଣ୍ଣନା କରି ଜଗା କହନ୍ତି – 'ଥରେ ଜଣେ ମଞ୍ଚକୁ ଉଠିଆସି ମୋତେ ବେଲ୍ଟ ଖୋଲି ପିଟିଦେଇଗଲା। କମିଟିର ଲୋକମାନେ ସେହି ଲୋକଟିକୁ ଧରି ମାଡ଼ ମାରିବା ଅବସ୍ଥାରେ ଥିଲେ। ତେବେ ମୁଁ ସେମିତି ହବାକୁ ଦେଇ ନ ଥିଲି। ଓଲଟି ଲୋକଟିକୁ ମୁକ୍ତ କରିଦେଇଥିଲି। କାରଣ ଲୋକଟି ହିଁ ମୋତେ ମୋ ଅଭିନୟର ସମୁଚିତ ମୂଲ୍ୟ ଦେଇଥିଲା।' ଜଗା କହନ୍ତି– 'ଯାତ୍ରା ଜଗତରେ କେହି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ସେ ହେଉଛନ୍ତି ନିଜେ ନିଜର ପ୍ରତିଦ୍ୱନ୍ଦ୍ୱୀ। ଦର୍ଶକ କ'ଣ ଚାହାନ୍ତି ଆଉ କେଉଁ ଧରଣର ଅଭିନୟକୁ ଗ୍ରହଣ କରନ୍ତି ତାହାକୁ ଜାଣି ସେ ନିଜକୁ ପ୍ରସ୍ତୁତ କରନ୍ତି।'


ଜଗା

# ବିମାନ ପାଲଟିଲା ଘର

ମନେପକାନ୍ତୁ ଏମିତିକା ଦୃଶ୍ୟଟେ। ଆପଣ କୌଣସି ଘଞ୍ଚ ଜଙ୍ଗଲରେ ଯାଉଛନ୍ତି। ହଠାତ୍ ସେଇ ଜଙ୍ଗଲ ମଧ୍ୟରେ ଆପଣ ଦେଖିବାକୁ ପାଇବେ ଏକ ବିଶାଳକାୟ ଉଡ଼ାଜାହାଜ। କ'ଣ ଭାବିବେ ଆପଣ ? ଆପଣ ସବୁକିଛି ଭାବି ପାରନ୍ତି। ମାତ୍ର କଦାପି ଏ କଥା ଭାବିବେ ନାହିଁ ଯେ, ତାହା ଜଣେ ବ୍ୟକ୍ତିଙ୍କର ଘର। ବାସ୍ତବରେ କଥାଟି ହେଉଛି ସତ। ଗୋଟିଏ ଉଡାଜାହାଜ କିଣି ତାହାକୁ ଏକ ମନୋରମ ଘରକୁ ରୂପାନ୍ତରିତ କରିଛନ୍ତି ଓରିଗନ୍ ନିବାସୀ ବ୍ରୁସ୍ କ୍ୟାମ୍ପ୍‌ବେଲ୍। ବୃତ୍ତିରେ ସେ ଜଣେ ଇଞ୍ଜିନିୟର। ମାତ୍ର ଜଣେ ଖିଆଲି ମଣିଷ ଭାବରେ ସେ ବେଶ୍ ଜଣାଶୁଣା। ତାଙ୍କର ଇଚ୍ଛାଥିଲା ସେ କିଛି କାର୍ଗୋ ଭ୍ୟାନ୍ ବା ଜିନିଷପତ୍ର ପରିବହନ କରୁଥିବା ଗାଡ଼ି କିଣି ସେଥିରୁ ଗୋଟିଏ ଘର କରିବେ। ମାତ୍ର ସେ ଭାବିବା ଆଗରୁ ସେମିତିକା ଗୋଟିଏ ଘର ଅନ୍ୟତ୍ର ହୋଇ ସାରିଥିବା ସେ ଜାଣିବାକୁ ପାଇଲେ। ତେଣୁ ତାଙ୍କର ଯୋଜନା ବଦଳିଗଲା। ଆଉ ସେ ଅବ୍ୟବହୃତ ହୋଇ ଏଥେନ୍ସ ଏୟାର ପୋର୍ଟରେ ପଡ଼ି ରହିଥିବା ଅଲିମ୍ପିକ୍ ଏୟାରୱେଜ୍‌ର ବୋଇଂ ୭୨୭କୁ କିଣିଲେ ଓ ତାହାକୁ ଓରିଗନ୍‌ର ଘଞ୍ଚ ଜଙ୍ଗଲକୁ ଆଣି ତା' ଭିତରେ ଏକ ସୁନ୍ଦର ଘରର ଡିଜାଇନ୍ କଲେ।



ବ୍ୟାକ୍ ପେଜ୍











# ମା' ପୁଅ ମ୍ୟାଚିଂ ମ୍ୟାଚିଂ

ଆଜିକାଲି ମା' ବାପା ପିଲାଙ୍କ ସହ ସୁନ୍ଦର ସୁନ୍ଦର ମ୍ୟାଚିଂ ପୋଷାକ ପିନ୍ଧିବା ଫ୍ୟାଶନ ପାଲଟିଗଲାଣି। ବଜାରରେ ଏହାର ଅନେକ ଷ୍ଟାଇଲ୍ ଓ ଭେରାଇଟି ବି ଉପଲବ୍ଧ ହେଉଛି। ତେବେ ଏ କ୍ଷେତ୍ରରେ ଥାଇଲାଣ୍ଡ, ବ୍ୟାଙ୍କକ୍‌ର ଏକ ମା'ପୁଅ ଯୋଡ଼ି ବେଶ୍ ଆଗରେ ରହିବା ସହ ଚର୍ଚ୍ଚିତ ହୋଇପାରିଛନ୍ତି। ସେମାନଙ୍କର ଗାଢ଼ ଓ ଚମକ୍‌ଦାର୍ ରଙ୍ଗର ସମପ୍ରକାରର ପୋଷାକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। କେବଳ ପୋଷାକ ନୁହେଁ, ସେମାନଙ୍କ ଚଷମା ଓ ଅନ୍ୟାନ୍ୟ ଆସେସରିଜ୍ ବି ଏକାପ୍ରକାର ଥାଏ। ଏହି ମା'ପୁଅ ଯୋଡ଼ି ହେଉଛନ୍ତି ପଥରାପୋଲ ଓ ଲି ପୁଙ୍ଗବୋନପ୍ରା। ଏମାନେ ପି ଓ ଲି ନାମରେ ବେଶ୍ ପରିଚିତ। ଏହି ଯୋଡ଼ିଙ୍କ ଷ୍ଟାଇଲ୍ ବେଶ୍ ନିଆରା ଓ ଆକର୍ଷକ। ୬ ବର୍ଷ ତଳେ ଏହି ଯୋଡ଼ି ପ୍ରଥମେ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲିବା ପରେ ନିଜର ମ୍ୟାଚିଂ ପୋଷାକର ଫଟୋ ଶେୟାର କରିଥିଲେ। ଆଉ ଦେଖୁଦେଖୁ ସେମାନେ ଫ୍ୟାଶନ୍ ଇନ୍‌ଫ୍ଲୁଏନ୍ସର ଓ ଅନ୍‌ଲାଇନ୍ ସେଲିବ୍ରିଟି ପାଲଟିଗଲେ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ଏବେ ୧୩୦୦୦୦ ଫଲୋଅର୍ସ ଅଛନ୍ତି। ପି ହାଏ ମାଗାଜିନ୍‌ର ପୂର୍ବତନ ସମ୍ପାଦକ ଓ ମାଲିକ ଅଟନ୍ତି। ତାଙ୍କ ମା' ଜଣେ ଫ୍ୟାଶନ୍ ହବିଷ୍ଟ। ସେମାନେ ପିନ୍ଧୁଥିବା ସବୁ ପୋଷାକ ସେମାନଙ୍କ ନିଜସ୍ୱ ସଂଗ୍ରହ। ଅନେକ ଗଣମାଧ୍ୟମ ସେମାନଙ୍କୁ ପୃଥିବୀର ସବୁଠାରୁ ଭଲ ମା'ପୁଅ ଯୋଡ଼ି ଭାବେ ଗଣନା କରିଛନ୍ତି। ଇଟାଲୀ ଓ ଆମେରିକାର ଅନେକ ହ୍ୟାଣ୍ଡବ୍ୟାଗ ଓ ସନ୍‌ଗ୍ଲାସ୍ କମ୍ପାନୀ ଏବେ ତାଙ୍କୁ ବିଜ୍ଞାପନ ପାଇଁ ବି ସମ୍ପର୍କ କରିଛନ୍ତି।

# କାର୍ଡବୋର୍ଡରେ ଯୁଦ୍ଧ ଟ୍ୟାଙ୍କ୍

କାର୍ଡବୋର୍ଡରେ ଅନେକ ଜିନିଷ ତିଆରି ହୋଇପାରେ। ତେବେ ଚାଇନାର ଏକ କାର୍ଡବୋର୍ଡ ମଡେଲିଂ ଏକ୍ସପର୍ଟ ଗ୍ରୁପ୍ ଏଥିରେ ଏମିତି ଏକ ଜିନିଷ ତିଆରି କରିଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ଚଳିତ ବର୍ଷ ବେଜିଂରେ ହୋଇଥିବା ଏଚ୍ଇସି ଅନ୍ତର୍ଜାତୀୟ ମଡେଲ ଏକ୍ସପୋରେ ଏହି ଦଳ କାର୍ଡବୋର୍ଡରେ ତିଆରି କରିଛି ଇସ୍ରାଏଲ୍‌ର ମର୍କାଭା ଏମ୍‌କେ୪ ଯୁଦ୍ଧ ଟ୍ୟାଙ୍କ୍। ଆଉ ତାହା ସମ୍ପୂର୍ଣ୍ଣ ବାସ୍ତବ ପରି ଲାଗେ। ଏହା ଟ୍ୟାଙ୍କ୍ ପରି ବିରାଟକାୟ। ଏହାର ପ୍ରତ୍ୟେକ ଭାଗକୁ କାର୍ଡବୋର୍ଡରେ ଓ ଏତେ ନିଖୁଣ ଭାବେ କରାଯାଇଛି ଯେ ଏହା ପୂରାପୂରି ଟ୍ୟାଙ୍କ୍ ପରି ଲାଗେ। ୫୦୦୦ଟି କାର୍ଡବୋର୍ଡ ପାର୍ଟସ୍‌ରେ ତିଆରି ଉକ୍ତ ଟ୍ୟାଙ୍କ୍‌ର ଓଜନ ଏକ ଟନ୍। ଏହାକୁ ତିଆରି କରିବା ପାଇଁ ୪୮ ଦିନ ସମୟ ଲାଗିଥିଲା। ଏହାକୁ ତିଆରି କରିବା ବି ଏତେ ସହଜ ନ ଥିଲା। କାର୍ଡବୋର୍ଡରେ ସେମାନେ ପ୍ରଥମେ ପାର୍ଟସ୍‌ଗୁଡିକୁ ଡିଜାଇନ୍ କରି ତାକୁ କାଟିଥିଲେ। ତା'ପରେ ତାକୁ ଆକୃତି ଦେବା ସହ ସେଗୁଡିକୁ ସଂଯୋଗ କରି ଟ୍ୟାଙ୍କ୍‌ର ରୂପ ଦେଲେ। ଏଥିପାଇଁ ସେମାନଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା।





